ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.181 Bhubaneswar Thursday, September 02, 2021 ୨୪ତମ ବର୍ଷ ସଂଖ୍ୟା-୧୮୧ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୦୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



କେନ୍ଦ୍ର ବନ୍ଦର, ପରିବହନ, ଜଳପଥ ଏବଂ ଆୟୁଷ ମନ୍ତ୍ରୀ ସରବାନନ୍ଦ ସୋନୋୱାଲ ଯୋଗ ଦିଲ୍ଲୀର ଆଜାଦି କା ଅମୃତ ମହୋତ୍ସବଙ୍କ ଅଂଶ ଭାବରେ ଯୋଗ ବ୍ରେକ୍ ଆପ୍ ଲଞ୍ଚରେ ଦୀପ ଜାଳୁଛନ୍ତି

## ସ୍କୁଲ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଫିଟ୍ ରଖିବା ପାଇଁ ସବୁ ସୁବିଧା ଯୋଗାଇ ଦିଆଯିବ:ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୯(ପି.ଏନ): ସମାଜରେ ସକରାତ୍ମକ ଭାବନା ଆଣିବା ପାଇଁ ଆମକୁ ଫିଟ୍ ରହିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଦେଶର ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଫିଟ୍ ରଖିବା ପାଇଁ ସବୁପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ବୁଧବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ ପ୍ରଥମ ଥର ପାଇଁ ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ କୁଇଜ'ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କ୍ରୀଡାର ପ୍ରୋତ୍ସାହନ ଏବଂ ଲୋକପ୍ରିୟ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଥିବା ଦୂରଦୃଷ୍ଟି ଆଧାରରେ ଶ୍ରୀ ପ୍ରଧାନ ସ୍କୁଲ ପ୍ରିନ୍ସିପାଲ ଏବଂ ଛାତ୍ରଛାତ୍ରୀଙ୍କୁ ଏହି ଫିଟ୍ ଇଣ୍ଡିଆ କୁଇଜରେ ପଞ୍ଜିକରଣ କରି ଅଂଶଗ୍ରହଣ କରି ଏକ ସୁସ୍ଥ ଭାରତ ପାଇଁ ଫିଟ୍ ଇଣ୍ଡିଆ ମିଶନରେ ସାମିଲ ହେବା ପାଇଁ ଶ୍ରୀ ପ୍ରଧାନ ପ୍ରୋତ୍ସାହିତ କରିଛନ୍ତି। କ୍ରୀଡା, ଶିକ୍ଷା ଏବଂ କ୍ରୀଡା ପରମ୍ପରାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ଯାତ୍ରାରେ ଆମର ଖେଳାଳୀମାନେ ଆମ ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରୁ କହିଛନ୍ତି। ଟୋକିଓ ଅଲମ୍ପିକରେ ବ୍ୟାଡମିଂଟନ ଖେଳାଳି ପି.ଭି ସିନ୍ଧୁ ଏବଂ ଜାଭେଲିନ୍ ଥ୍ରୋ' ପ୍ରତିଯୋଗିତାରେ ନୀରଜ ଚୋପ୍ରାଙ୍କ ଭଳି ଅନେକ ଖେଳାଳି ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ତେଣୁ ଦେଶରେ ଶିକ୍ଷା ଏବଂ କ୍ରୀଡ଼ାକୁ ଯୋଡ଼ି ନୂଆ ଢ଼ାଂଚା ପ୍ରସ୍ତୁତ କରିବା ପାଇଁ ପ୍ରଥମ ଥର "ପାଇଁ ଶିକ୍ଷା ମନ୍ତ୍ରଣାଳୟ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ମିଳିତ ଭାବେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ 'ଫିଟ୍ ଇଣ୍ଡିଆ କୁଇଜ୍' ଶୁଭାରମ୍ଭ କରାଯାଇଛି। ପାଠପଢା ସହ ଖେଳିବା ପାଇଁ ଭାରତ ସରକାର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦(ଏନଇପି)ରେ ପାଠପଢ଼ା ସହ କ୍ରୀଡ଼ାକୁ ପ୍ରୋତ୍ସାହନ ତଥା ପିଲାଙ୍କ ଫିଟ୍ ରଖିବା ପାଇଁ ବ୍ୟବସ୍ଥା ହୋଇଛି। ଶିକ୍ଷା ଏବଂ କ୍ରୀଡା ମନ୍ତ୍ରଣାଳୟ ଆଗାମୀ ଦିନରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିବା ଏବଂ ଆମ ଖେଳାଳି ଟୋକିଓ ଏବଂ ପାରା ଅଲମ୍ପିକରେ ପଦକ ହାସଲ କରିବା ନେଇ ଆମ ଉତ୍ସବ ପାଳନ କରିବା ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଯିବା ଖୁସିର ବିଷୟ। ଭାରତବର୍ଷରେ ୧୦ କୋଟି ସ୍କୁଲ ଏବଂ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ବିଭାଗରେ ବିଜେତା ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମୋଟ ୩ କୋଟି ୨୫ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ଆଣିବା ପାଇଁ ପ୍ରୋତ୍ସାହନ ଦିଆଯାଇଛି। କୋଭିଡ୍ ସମୟରେ ଆମେ କେତେ ଫିଟ୍ ରହିବା, ତାହା ଅଧିକ ପ୍ରାସଙ୍ଗିକ ହୋଇଥିଲା। ତେଣୁ ଛାତ୍ରଛାତ୍ରୀଙ୍କୁ ଫିଟ୍ ରଖିବା ପାଇଁ ବିଦ୍ୟାଳୟରୁ ପ୍ରୟାସ ଆରମ୍ଭ ହେବା ଦରକାର। ଭାରତ ସରକାର ଆଗାମୀ ଦିନ ପାଇଁ ପ୍ରସ୍ତୁତ କରୁଥିବା ଭିତିଭୂମିରେ ଛାତ୍ରଛାତ୍ରୀଙ୍କୁ ଖେଳ ସହ ସେମାନଙ୍କୁ ସୁସ୍ଥ ରଖିବା ସହ ସେମାନଙ୍କୁ ଆତ୍ମସମ୍ମାନର ସହ ରୋଜଗାର ଦେବ। ଏହି ପରିପ୍ରେକ୍ଷୀରେ ଆଜିର 'ଫିଟ୍ ଇଣ୍ଡିଆ କୁଇଜ' ଭଲ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ନୀତିଶ ପ୍ରମାଣିକ ଉପସ୍ଥିତ ରହିଥିବା ବେଳେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟୋକିଓ ଅଲମ୍ପିକରେ ପଦକ ବିଜେତା ନୀରଜ ଚୋପ୍ରା, ପିଭି ସିନ୍ଧୁ, ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।



## ତୃତୀୟ ଲହରରେ ବାପାମାଙ୍କ ମାଧ୍ୟମରେ ପିଲା ହେବେ ସଂକ୍ରମିତ

ଭୁବନେଶ୍ୱର, ୧।୯(ପି.ଏନ): ତୃତୀୟ ଲହରରେ ସଂକ୍ରମଣ ବାପା ମାଆଙ୍କ ମାଧମରେ ପିଲାମାନଙ୍କ ପାଖକୁ ଆସିବ। ତେଣୁ ବାପାମାଆ ସଚେତନ ନହେଲେ ପିଲାମାନଙ୍କୁ ଏହା ସଂକ୍ରମିତ କରିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ କଟକଣା ଯାଇଛି ହେଲେ କରୋନା ଯାଇନି। କରୋନା ଭୂତାଣୁ ଆମ ଆଖପାଖରେ ଅଛି ତେଣୁ ସତର୍କ ରହିବାକୁ ପଡିବ। ସମସ୍ତଙ୍କର ଧାରଣା ଅଛି ଟିକା ନେଲେ ସଂକ୍ରମଣ ହେବନି ହେଲେ ଟିକା ନେଲେ ସଂକ୍ରମଣ ସମ୍ଭାବନା ଅଧିକ ଅଛି। ହେଲେ ଟିକା ନେବା ପରେ ସଂକ୍ରମିତ ହେଲେ ଏହାର ଲକ୍ଷଣ ଦେଖାଯିବନି। ଯାହାକୁ ବାପାମାଆ ଆଣି ପିଲାମାନଙ୍କ ଦେହରେ ଛାଡ଼ିବାର ବାହକ ହେବେ। ତେଣୁ ପିଲାମାନେ ଅଧିକ ସଂକ୍ରମିତ ହେବେ। କଟକଣା କୋହଳ ହୋଇଥିବାରୁ ଖାମଖିଆଲ ନ ହୋଇ କୋଭିଡ୍ ନିୟମ ମାନିବା। ଅନ୍ୟପକ୍ଷରେ ରାଜ୍ୟରେ କରୋନା କଟକଣା କୋହଳ ପରେ ପରିବାରର ଦାୟିତ୍ୱ ବଢ଼ିବା ସହ ମନିଟରିଂ ବାଧ୍ୟତାମୂଳକ କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। କଟକଣାକୁ ସମେସ୍ତେ ପୂର୍ବପରି ମାନିବାକୁ ପଡ଼ିବାକୁ। କଟକଣା କୋହଳ ପରେ ସଂକ୍ରମଣ ସ୍ଥିତି କ'ଣ ରହୁଛି ତା' ଉପରେ ନଜର ରଖିବାକୁ ପଡ଼ିବ। ସମେସ୍ତେ ହାତ ମିଳାଇଲେ ହିଁ କରୋନାକୁ ରୋକି ହେବ ନହେଲେ ପୁଣି ବିପଦକୁ ନିମନ୍ତ୍ରଣ କରିବା। ମୃତ୍ୟୁ ସଂଖ୍ୟା ଆଜି କିଛି କମିଛି ଆଗକୁ ମଧ କମିପାରେ।

## ଗୋଟିଏ ଦିନରେ ୭୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୮୪୬୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୩୨୩୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୧୫୯ ରହିଛି। ଆଜି ଚିହ୍ନଟ ହୋଇଥିବା ୭୧୯ ଜଣଙ୍କ ମଧ୍ୟରୁ ୪୨୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୩ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୬, କଟକରୁ ୮୯, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଞ୍ଜାମରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୨୩ ଜଣ, ଯାଜପୁରରୁ ୨୭ ଜଣ, ଝାରସୁଗୁଡ଼ାରୁ ୨ ଜଣ, କଳାହାଣ୍ଡିରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୮ ଜଣ, କେନ୍ଦୁଝରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୨୫୯ ଜଣ, କୋରାପୁଟରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୩୦ ଜଣ, ନବରଙ୍ଗପୁରରୁ ୧, ନୟାଗଡ଼ରୁ ୧୧ ଜଣ, ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ପୁରୀରୁ ୧୪ ଜଣ, ରାୟଗଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୨ ଜଣ, ସୋନପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୯ ଜଣ ଓ ଷ୍ଟେଟ୍ ପୁଲରୁ ୫୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ମନୋରଞ୍ଜନ ପାଣିଗ୍ରାହୀ ହେଲେ ମୁଖ୍ୟ ଆୟକର କମିଶନର

ଭୁବନେଶ୍ୱର, ୧।୯(ପି.ଏନ):- ଆୟକର ବିଭାଗରେ ଗତକାଲି ୩୬ ଜଣ ପ୍ରଧାନ ଆୟକର କମିଶନରଙ୍କୁ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପରେ ସେମାନେ ମୁଖ୍ୟ ଆୟକର କମିଶନର ଭାବେ କାର୍ଯ୍ୟନିର୍ବାହ କରିବେ। ଏଥି ମଧ୍ୟରେ ୪ ଜଣ ଓଡ଼ିଆ ଅଫିସର ଅନ୍ତର୍ଭୁକ୍ତ। ସେମାନେ ହେଲେ ମନୋରଞ୍ଜନ ପାଣିଗ୍ରାହୀ, ବିଜୟାନନ୍ଦ ପୃଷେଠ୍, ଦେବେନ୍ଦ୍ର ନାରାୟଣ କର ଏବଂ ସୀମାଚଳ ଦାଶ। ମନୋରଞ୍ଜନ ପାଣିଗ୍ରାହୀ ବର୍ତମାନ କଟକରେ ପ୍ରଧାନ ଆୟକର କମିଶନର ଭାବରେ ଅବସ୍ଥାପିତ। ପାଣିଗ୍ରାହୀ ଆୟକର ବିଭାଗର ପ୍ରାୟ ସମସ୍ତ କ୍ଷେତ୍ରରେ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି। ଶ୍ରୀ ପାଣିଗ୍ରାହୀ ପୂର୍ବରୁ ଓଡ଼ିଶା ସରକାରଙ୍କର ସଂସ୍କୃତି, ସୂଚନା ଓ ଲୋକସଂପର୍କ ବିଭାଗର ଶାସନ ସଚିବ ଥିଲେ। ତାଙ୍କର ପାଂଚବର୍ଷ ଅବଧି ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି। ଶ୍ରୀ ବିଜୟାନନ୍ଦ ପୃଷେଠ୍ ବର୍ତମାନ ସମ୍ବଲପୁରର ପ୍ରଧାନ ଆୟକର କମିଶନର। ଏହା ପୂର୍ବରୁ ସେ କଟକରେ ଅବସ୍ଥାପିତ ଥିଲେ। ଓଡ଼ିଶା ବାହାରେ ମଧ ସେ ଦକ୍ଷତାର ସହ ଅନେକ ବର୍ଷ କାର୍ଯ୍ୟ କରିଛନ୍ତି।

## ଆରମ୍ଭରୁ ଗୃହ ଅଚଳ : ମରୁଡି ପ୍ରସଙ୍ଗକୁ ନେଇ ବର୍ଷିଲେ ବିରୋଧି, ବାରମ୍ବାର ମୁଲତବୀ

ଭୁବନେଶ୍ୱର, ୧।୯(ପି.ଏନ): ଓଡିଶା ବିଧାନସଭାର ଚଳିତ ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ ଯୋଗୁ ଆଜି ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ଶୋକ ପ୍ରସ୍ତାବ ପାରିତ ହେବା ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କୃଷି ମନ୍ତ୍ରୀ ଅରୁଣ ସାହୁଙ୍କୁ ଡାକିଥିଲେ। ହେଲେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଓ ଅନ୍ୟ ମାନେ ନିଜ ନିଜ ଆସନରେ ଠିଆ ହୋଇ କିଛି କହୁଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ବିଧାୟକ ମାନେ ପ୍ରଶ୍ନୋତର କାର୍ଯ୍ୟକ୍ରମ ବାତିଲ କରି ରାଜ୍ୟରେ ମରୁଡି ପରିସ୍ଥିତି ନେଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ସେମାନଙ୍କୁ କହିଥିଲେ ଯେ ବିରୋଧୀ ଦଳ ଦ୍ୱାରା ଏ ସମ୍ପର୍କରେ ଅଣା ଯାଇଥିଲା ମୁଲତବୀ ପ୍ରସ୍ତାବକୁ ସେ ସ୍ୱୀକାର କରିଛନ୍ତି। ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ଏହା ଉପରେ ଆଲୋଚନା ହେବ। ତେଣୁ ପ୍ରଶ୍ନୋତର କାର୍ଯ୍ୟକ୍ରମକୁ ଚଳାଇ ରଖିବାରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଅନ୍ୟ ପଟେ ମନ୍ତ୍ରୀ ତାଙ୍କର ଉତର ରଖୁଥିବା ଦେଖା ଯାଇଥିଲା। କଂଗ୍ରେସ ବିଧାୟକ ମାନେ ସେମାନଙ୍କର ହଟ୍ଟଗୋଳ ଜାରୀ ରଖିଥିଲେ। କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଯିବା ତଥା ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଚେଷ୍ଟା କରିବା ଦେଖିବାକୁ ମିଳିଥିଲା। ଏହା ପରେ ବାଚସ୍ପତି ୧୧.୩୯ରୁ ଦିନ ୧୨.୩୪ ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ସେହିପରି ମରୁଡ଼ି ପ୍ରସଙ୍ଗରେ ମୁଲତବୀ ଆଲୋଚନା ବେଳେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତ୍ରୀଙ୍କ ବଦଳରେ କୃଷି ମନ୍ତ୍ରୀ ଉତର ରଖିବାକୁ ନେଇ ଗୃହରେ ଉଦବେଗ ପ୍ରକଟ କରିଥିଲେ ବିରୋଧୀ। ରାଜସ୍ୱ ମନ୍ତ୍ରୀଙ୍କ ବଦଳରେ କାହିଁକି କୃଷି ମନ୍ତ୍ରୀ ଉତର ରଖିଲେ ବୋଲି ଉଭୟ କଂଗ୍ରେସ ଓ ବିଜେପି ପ୍ରଶ୍ନ କରିଛନ୍ତି। ଏହା ସଠିକ ପରମ୍ପରା ନୁହେଁ ବୋଲି ବିରୋଧୀ କହିଥିବା ବେଳେ ବାଚସ୍ପତି କହିଥିଲେ ମନ୍ତ୍ରୀ ପରିଷଦର ସଦସ୍ୟ ଉତର ରଖି ପାରିବେ। ଯେହେତୁ ରାଜସ୍ୱ ମନ୍ତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନାହିଁ ତେଣୁ ସେ ଭିସିରେ ରହୁଛନ୍ତି। ବାଚସ୍ପତିଙ୍କ ସ୍ପଷ୍ଟୀକରଣ ପରେ ଉତରରେ ଅସନ୍ତୁଷ୍ଟ ପ୍ରକାଶ କରି ଉଭୟ ବିଜେପି ଓ କଂଗ୍ରେସ ପକ୍ଷରୁ ଗୃହ ମଧ ଭାଗରେ ନାରବାଜି। ଫଳରେ ଗୃହକୁ ବାଚସ୍ପତି ବାରମ୍ବାର ମୁଲତବୀ ଘୋଷଣା କରିଥିଲେ।

## କଂଗ୍ରେସ ଦେଶର ସଂପତି ତିଆରି କଲା, ମୋଦି ତାକୁ ବିକିଲେ : କଂଗ୍ରେସ

ଭୁବନେଶ୍ୱର,୧।୯(ପି.ଏନ):୨୦୧୪ରୁ ଭାରତବର୍ଷର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଦେଶରେ ମିଛ ବିକ୍ରୀ କରିଚାଲିଲେ। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଦେଶବାସୀଙ୍କୁ ଯେଉଁ ଭରସା ଦେଇଥିଲେ ଠିକ୍ ତାନ ସବୁ ଓଲଟା ହିଁ କରୁଛନ୍ତି। ଦୀର୍ଘ ୭୦ ବର୍ଷ ଭିତରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଠାରୁ ଆରମ୍ଭ କରି ମନମୋହନ ସିଂଙ୍କ ସରକାର ପର୍ଯ୍ୟନ୍ତ କଂଗ୍ରେସ ସରକାର ବା କଂଗ୍ରେସ ମିଳିତ ସରକାର ଭାରତ ବର୍ଷରେ ଯେଉଁ ସବୁ ସଂପତି ସୃଷ୍ଟି କରିଥିଲେ ବର୍ତମାନର ପ୍ରଧାନମନ୍ତ୍ରୀ ତାଙ୍କର ନିଜର କିଛି ନିକଟତମ ପୁଞ୍ଜିପତି ବନ୍ଧୁ ମାନଙ୍କୁ ସିଧାସଳଖ ବିକ୍ରି କରିବା ପାଇଁ ନିଷ୍ପତି ନେଇ ସାରିଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର ତଥା ପୂର୍ବତନ ସାଧାରଣ ସଂପାଦକ ମୋହନ ପ୍ରକାଶ କହିଥିଲେ ଏ ଯେଉଁ ସଂପତି ସବୁ ମୋଦି ସରକାର ଲିଷ୍ଟ କରିଛନ୍ତି ତାକୁ ବିକ୍ରି କରିବା ପାଇଁ ଅଥବା ଆସନ୍ତା ୪ ବର୍ଷ ପାଇଁ ଲିଜ ଦେବା ପାଇଁ ସେଥିରୁ ସରକାରଙ୍କୁ ପ୍ରଚୁର ପରିମାଣରେ ଲାଭ ଦେଉଛି ଏବଂ ସରକାର ବହୁ ପରିମାଣରେ ଡିଭିଡେଂଟ ମଧ ପାଉଛନ୍ତି। ଭାରତ ବର୍ଷର କୋଟି କୋଟି ଯୁବକଯୁବତୀଙ୍କର ଆଶାବିଶ୍ୱାସକୁ ମାରିଦେବା ତାଙ୍କ ପାଇଁ ସୁଯୋଗଟିକୁ ତାଲା ପକାଇଦେବା ଏବଂ ଏହାଦ୍ୱାରା କେବଳ ନିଜ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଛଡ଼ା ଦେଶପାଇଁ ଏହି ଯୋଜନା କୌଣସି ପ୍ରକାର ସୁଫଳ ଆଣିପାରିବ ନାହିଁ। ଏସବୁ ସଂପତି ବା ରାଷ୍ଟ୍ରୀୟ ଉଦ୍ୟୋଗ ପାର୍ଲ୍ୟାମେଂଟର ବିନା ସ୍ୱୀକୃତିରେ ଜନସାଧାରଣଙ୍କ ବିନା ନିଷ୍ପତିରେ ନରେନ୍ଦ୍ର ମୋଦିଙ୍କୁ ବିକ୍ରି କରିବାକୁ କିଏ ଅନୁମତି ଦେଲା। ଜନତା ଆପଣଙ୍କୁ ନିର୍ବାଚିତ କରିଥିଲେ ଦେଶ ଚଳାଇବା ଓ ଦେଶକୁ ଆଗକୁ ନେବା। କିନ୍ତୁ ଦେଶ ସଂପତିକୁ ନିଜ ବନ୍ଧୁଙ୍କୁ ବିକିଦେବା ପାଇଁ ନୁହେଁ ବୋଲି ସେ କହିଛନ୍ତି। ଏଥିପାଇଁ କଂଗ୍ରେସ ଦଳ ପ୍ରତ୍ୟେକ ସ୍ତରରେ ଜନସଚେତନା ସୃଷ୍ଟି କରିବା ସହ ଏ ସରକାରଙ୍କୁ ଏଥିରୁ ନିବୃତ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସଂପାଦକ, ଓଡ଼ିଶା ପ୍ରଭାରୀ ଡ. ଏ ଚେଲାକୁମାର, ସଂପାଦକ କି ରୁଦ୍ର ରାଜୁ, ବିଧାୟକ ଦଳର ନେତା ନରସିଂହ ମିଶ୍ର, ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଏବଂ ପ୍ରଦେଶ କଂଗ୍ରେସ ମିଡିଆ ସେଲର ଅଧକ୍ଷ ଗଣେଶ୍ୱର ବେହେରା, ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଉପସ୍ଥିତ ଥିଲେ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଇଚ୍ଛାମୃତ୍ୟୁ ଓ ମାନସିକ ସ୍ଥିତିର ଭୂମିକା

ଭୁବନେଶ୍ୱର (ପିଏନ୍): ଇଚ୍ଛାମୃତ୍ୟୁ, ଦୟା ମୃତ୍ୟୁ, ସୁଖଦ ମୃତ୍ୟୁ, ମର୍ଯ୍ୟାଦାଜନକ ମୃତ୍ୟୁ, ଯନ୍ତ୍ରଣାମୟ ଜୀବନର ଅନ୍ତ ବା ୟୁଥେନେସିଆ। ବିଗତ ବେଶ କିଛି ବର୍ଷ ଧରି ଏସବୁ ଶବ୍ଦପୁଞ୍ଜକୁ ନେଇ ଚାଲିଛି ତର୍କ ତର୍ଜମା, ବିଚାର ବିମର୍ଶ। ଏହି ପରିପ୍ରେକ୍ଷୀରେ ଜୀବନ ମୃତ୍ୟୁ ଭଳି ସର୍ବାଧିକ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଭାରତର ସର୍ବୋଚ୍ଚ ଅଦାଲତ ନିକଟରେ ଦେଇଛନ୍ତି ଏକ ଐତିହାସିକ ମନ୍ତବ୍ୟ। ମୋହର ମାରିଛନ୍ତି ଇଚ୍ଛାମୃତ୍ୟୁର ଆବଶ୍ୟକତା ଉପରେ। ଯଥାର୍ଥ ସାବ୍ୟସ୍ତ କରିଛନ୍ତି ଇଚ୍ଛାମୃତ୍ୟୁର ସପକ୍ଷ ଯୁକ୍ତିକୁ। ସମ୍ମାନର ସହ ବଞ୍ଚିବା ଯେମିତି ଏକ ଅଧିକାର, ମର୍ଯ୍ୟାଦାର ସହ ମୃତ୍ୟୁ ବି ଠିକ୍ ସେମିତି ଏକ ଅଧିକାର- ବୋଲି ମନ୍ତବ୍ୟ ରଖି ତଥାସ୍ତୁ କରିଛନ୍ତି ପରୋକ୍ଷ ଇଚ୍ଛା ମରଣକୁ। ଅବଶ୍ୟ ସେଥିପାଇଁ ସର୍ତ୍ତାବଳୀ ଓ ନିୟମାବଳୀ ଖଞ୍ଜିଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ଓ ଯୁଗାନ୍ତକାରୀ ରାୟ କେବଳ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ନୁହେଁ, ବରଂ ସାମାଜିକ, ଆବେଗିକ ଓ ଧାର୍ମିକ ଭାବନାକୁ ଚହଲାଇ ଦେଇଛି। ଏ ରାୟକୁ ନେଇ ଆରମ୍ଭ ହୋଇଯାଇଛି ଦେଶ ସାରା ତର୍ଜମା ଓ ଆଲୋଚନା। କାରଣ ଏଇଟି କେବଳ ଆଇନ କାନୁନ୍‌ର କଥା ନୁହେଁ। ଚିକିତ୍ସା ବିଜ୍ଞାନ, ସାମାଜିକ ପ୍ରସଙ୍ଗ, ଜନ୍ମ-ମୃତ୍ୟୁ ଚକ୍ର, ଭୋଗ, ଇହକାଳ-ପରକାଳ ଭଳି ନାନା ବିଷୟ ଜଡ଼ିତ ଏହା ସହ। ଏଣୁ ଅନେକ ଆଇନ ବିଶାରଦ, ଚିକିତ୍ସା ବିଜ୍ଞାନୀ, ସମାଜ ବିଜ୍ଞାନୀ, ସାମାଜିକ କର୍ମୀ, ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟକୁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସମୀକ୍ଷା କରିବା ଆରମ୍ଭ କରିଛନ୍ତି। ଅନେକ ଏହାକୁ ସ୍ୱାଗତ କରିବା ସହ ଯଥାର୍ଥ ଢ଼ଙ୍ଗରେ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେମାନଙ୍କ ମତରେ, ଯେତେବେଳେ ଜୀବନ ଅର୍ଥହୀନ ହୁଏ, ସେତେବେଳେ ମୃତ୍ୟୁ ଆବଶ୍ୟକତା ପାଲଟେ। ଅପେକ୍ଷା କରାଯାଏ କେବେ ଆସିବ ମୃତ୍ୟୁ। ସେଭଳି ସ୍ଥିତିରେ ଶରୀର ଲୋଡ଼େ ଇଚ୍ଛାମୃତ୍ୟୁ। ବଞ୍ଚିବାର ସାମାନ୍ୟତମ ସମ୍ଭାବନା ନଥିବାବେଳେ ଇଚ୍ଛାମୃତ୍ୟୁ ବରଂ ଆଉ ଏକ ଜୀବନ ଭଳି ଲୋଡ଼ାପଡ଼େ। ତେଣୁ ଇଚ୍ଛା-ମୃତ୍ୟୁ କେବଳ ମୃତ୍ୟୁ ନୁହେଁ, ବରଂ ଜୀବନର ବନ୍ଧନରୁ ମୁକ୍ତି ଦେବାର ଏକ ପ୍ରକ୍ରିୟା। ସୁପ୍ରିମକୋର୍ଟଙ୍କ ଏ ତଥାସ୍ତୁ ତେଣୁ ଅନେକଙ୍କ ପାଇଁ ଜୀବନ ଯନ୍ତ୍ରଣାରୁ ମୁକ୍ତିର ମହାର୍ଘ ମନ୍ତ୍ର ପାଲଟିବ। ସାଧାରଣତଃ ଯେଉଁ ରୋଗୀଙ୍କର ମାନସିକ ଅବସାଦ ରହିଥାଏ ସେମାନେ ବି ମରିବାକୁ ଚାହାଁନ୍ତି। ତେଣୁ ଏପରି ଏକ ସ୍ୱର୍ଣ୍ଣକାତର ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମାନସିକ ସ୍ଥିତି ଦେଖିବା ଦରକାର। ବହୁତ ଲୋକ ଅଛନ୍ତି ଯେଉଁମାନେ ବିଭିନ୍ନ ରୋଗରେ ଜର୍ଜରିତ ହୋଇ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ି ମୃତ୍ୟୁବରଣ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ଏସବୁ ଘଟଣାକୁ ଭଲଭାବେ ଓ ଅତି କଡ଼ାକଡ଼ି ଭାବେ ଦେଖିବାକୁ ପଡ଼ିବ। ସେହିପରି ଇଚ୍ଛାମୃତ୍ୟୁର ଗାଇଡ଼ଲାଇନ ଅତି କଡ଼ା କଡ଼ି ଭାବେ ପାଳନ କରାଯିବା ଦରକାର। ଲୋକଟି ଯଦି କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇ ରିକ୍‌ଭରି ହେବାର ସମ୍ଭାବନା କମିଯାଏ ସେଭଳି ସ୍ଥିତିରେ ମଧ ମୁମୂର୍ଷୁ ରୋଗୀ ଜଣଙ୍କ ମୃତ୍ୟୁବରଣ କରିବାକୁ ଆଗ୍ରହ ପ୍ରକାଶ କରିଥାଏ। ତେଣୁ ଯେତେବେଳେ ମୃତ୍ୟୁ ଭଳି ସ୍ଥିତି ସୃଷ୍ଟି ହୋଇଥାଏ କେବଳ ସେହି ସମୟରେ ହିଁ ଇଚ୍ଛାମୃତ୍ୟୁର ଭୂମିକା ରହିଛି। ଇଚ୍ଛାମୃତ୍ୟୁକୁ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ମୃତ୍ୟୁର ଅଧିକାର ପାଇଁ ସଂଘର୍ଷ କରୁଥିବା ଲୋକଙ୍କୁ ଆଶ୍ୱସ୍ତ କରିଛି ନିଶ୍ଚୟ। ସ୍ୱାଭିମାନର ସହ ବଞ୍ଚିବା ଓ ମରିବାର ଅଧିକାର ଭିତରେ ରହିଥିବା ଆଇନଗତ ଜଟିଳତାକୁ ଦୂର କରିବା ପାଇଁ ଏହି ନିର୍ଣ୍ଣାୟକ ରାୟ ଅତ୍ୟନ୍ତ ଉପଯୋଗୀ ହେବ। ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ରୋଗୀ ଆଉ ଆରୋଗ୍ୟ ଲାଭ କରିବାର ସମ୍ଭାବନା ନଥିଲେ ବା କୋମା ପରି ନିସ୍ତେଜ ପରି ସେମିତି ପଡ଼ି ରହିଥିଲେ ସେଭଳି ସ୍ଥିତିରେ ସେ ଶାନ୍ତିରେ ମୃତ୍ୟୁବରଣ କରିବା ପାଇଁ ଇପ୍ସିତ ମୃତ୍ୟୁ ଯାଚନାକୁ ଇଚ୍ଛାମୃତ୍ୟୁ କୁହାଯାଏ। ତେବେ କୌଣସି ରାସାୟନିକ ପଦାର୍ଥ ବା ଘାତକ ଇଞ୍ଜେକ୍ସନ ପ୍ରୟୋଗ ଦ୍ୱାରା ରୋଗୀକୁ ଏପରି ଇଚ୍ଛାମୃତ୍ୟୁ ପ୍ରଦାନ ପ୍ରକ୍ରିୟାକୁ ସକ୍ରିୟ ଇଚ୍ଛାମୃତ୍ୟୁ କୁହାଯାଏ। କୌଣସି ସୁଫଳ ନଥାଇ ମଧ ଅଯଥାରେ ଚିକିତ୍ସାଧୀନ ଥାଇ କଲବଲ ହେଉଥିବା ରୋଗୀଟିକୁ ଆଉ ଅଧିକ କଷ୍ଟ ନଦେଇ ଅଚିରେ ଆଖି ବୁଜିବା ପାଇଁ ଏପରି ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ। ଅପରପକ୍ଷେ କୌଣସି ରୋଗୀଠାରୁ ଉପଲବ୍ଧ ହେଉଥିବା କୃତ୍ରିମ ଜୀବନ ସହାୟକ ପ୍ରଣାଳୀକୁ ବନ୍ଦ କରାଯାଇ ତାକୁ ସ୍ୱାଭାବିକ ଭାବେ ମୃତ୍ୟୁବରଣ କରିବାର ସୁଯୋଗ ଦେବା ପ୍ରକ୍ରିୟା ତାକୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ କୁହାଯାଏ। ଏ କ୍ଷେତ୍ରରେ ରୋଗୀ ଠାରୁ ଜୀବନରକ୍ଷାକାରୀ ଭେଣ୍ଟିଲେଟର କାଢ଼ିଦେବା ବା କୌଣସି ଗୁରୁତ୍ୱପୂର୍ଣ୍ଣ ଔଷଧ ଦେବା ବନ୍ଦ କରିଦେବା ବା କୃତ୍ରିମ ଉପାୟରେ ଖାଦ୍ୟ ଗ୍ରହଣ ବ୍ୟବସ୍ଥା ହଟାଇଦେବା ପ୍ରଣାଳୀ ରହିଛି ଏହାଦ୍ୱାରା ସଂକଟଜନକ ଅବସ୍ଥାରେ ଘାଣ୍ଟି ହେଉଥିବା ରୋଗୀଟି ଅଯଥାରେ ଆଉ କୃତ୍ରିମ ଉପାୟରେ ବଞ୍ଚିରହିବା ଅପେକ୍ଷା ସ୍ୱାଭାବିକ ଭାବେ ଆଖି ବୁଜି ଦେଇଥାଏ। ସେହିପରି ଆଗୁଆ ଚିକିତ୍ସା ପସନ୍ଦ ନିୟମାବଳୀ ବା ଲିଭିଂ ୱିଲ୍ କାହା ଦ୍ୱାରା କାର୍ଯ୍ୟକାରୀ ହେବ ସେ ସଂକ୍ରାନ୍ତରେ ମାନ୍ୟବର ସୁପ୍ରିମକୋର୍ଟ ସୁସ୍ପଷ୍ଟ କରିଛନ୍ତି। ସୁସ୍ଥ ମାନସିକ ଅବସ୍ଥାରେ ଥାଇ ଭାବ ବିନିମୟ କରିପାରୁଥିବା ଜଣେ ପ୍ରାପ୍ତ ବୟସ୍କ ହିଁ ଏପରି ଲିଭିଂ ୱିଲ୍ କରିପାରିବ। ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ଡାକ୍ତରୀ ଟିମ୍‌ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ଡାକ୍ତରୀ ଟିମ୍‌ର ବିଧିବଦ୍ଧ ଓ ସମୟସାପେକ୍ଷ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ଓ ଅନୁମତି ପରେ ହିଁ ଜଣେ ବ୍ୟକ୍ତିଙ୍କୁ ଇଚ୍ଛାମୃତ୍ୟୁ ଦିଆଯିବ କି ନାହିଁ ସେ ନିଷ୍ପତ୍ତି ନିଆଯିବ। ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ମନେପଡ଼ିଯାଉଛି କିଙ୍ଗସ ଏଡ଼ୱାର୍ଡ଼ ମେମୋରିଆଲ ହସ୍ପିଟାଲର ନର୍ସ ଅରୁଣା ରାମଚନ୍ଦ୍ରନ ଶାନବାଗ ୧୯୭୩ ନଭେମ୍ବର ୨୭ରେ ହସ୍ପିଟାଲର ଜନୈକ କର୍ମଚାରୀ ସୋହନ ଲାଲ ବାଲ୍ମିକୀଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ। ୪୨ବର୍ଷ ଧରି କୋମାରେ ପଡ଼ିରହି ମୃତ୍ୟୁ ଅପେକ୍ଷାରେ ପଡ଼ି ରହିଥିଲେ ଏହି ନର୍ସ। ମାନ୍ୟବର ସୁପ୍ରିମକୋର୍ଟରେ ତାଙ୍କ ଇଚ୍ଛାମୃତ୍ୟୁ ଆବେଦନ କରିଥିଲେ ତାଙ୍କ ଜନୈକ ବାନ୍ଧବୀ ପିଙ୍କି ବିରାନୀ। ସେହିପରି ସମ୍ବିଧାନର ଧାରା ୨୧ ଅନୁଯାୟୀ ଆଇନ ସମ୍ମତ ପ୍ରକ୍ରିୟା ଭିନ୍ନ ଅନ୍ୟ କୌଣସି ପ୍ରକାରେ ଜଣେ ବ୍ୟକ୍ତିଙ୍କୁ ଜୀବନ ଧାରଣ ତଥା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇପାରିବ ନାହିଁ। ଜଣେ ଅତ୍ୟନ୍ତ ମୁମୂର୍ଷୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଅନୁଭବ କଲେ ଇଚ୍ଛାମୃତ୍ୟୁକୁ ଚିନ୍ତା କରିଥାଏ। ଇଚ୍ଛାମୃତ୍ୟୁ ହିନ୍ଦୁଶାସ୍ତ୍ରରେ ମଧ ଏକ ବିତର୍କିତ ପ୍ରସଙ୍ଗ। ସୁଖ ଓ ଦୁଃଖକୁ ଜୀବନର ଅଙ୍ଗଭାବେ ଗ୍ରହଣ କରିନେଇ ମଣିଷ ଜୀବନ ବିତାଇବା କଥା, ତେବେ ଇଚ୍ଛାମୃତ୍ୟୁକୁ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ପ୍ରସଙ୍ଗ ନିଶ୍ଚିତ ଭାବେ ଅନେକ ଆଲୋଚନା ସୃଷ୍ଟି କରିବାର ଅବକାଶ ପହଞ୍ଚାଇଛି।

# ଭାରତର ପ୍ରଥମ ମଡ଼େଲ ଯୋଜନା ମମତା



ଭୁବନେଶ୍ୱର (ପିଏନ୍): ଓଡ଼ିଶା ସରକାର, ସ୍ୱାସ୍ଥ୍ୟ ବିଭାଗ, ରାଜ୍ୟର ମହିଳା ଓ ଶିଶୁମାନଙ୍କର ବିକାଶ ପାଇଁ ଅନେକ ବିଶେଷକରି ସ୍ୱାସ୍ଥ୍ୟଗତ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଅନେକ ଯୋଜନାରେ କେନ୍ଦ୍ରୀୟ ସହାୟତା ନ ପାଇ ମଧ ଓଡ଼ିଶା ନିଜସ୍ୱ ବଜେଟରେ ମାତୃ ମୃତ୍ୟୁହାରକୁ କମାଇବା ସହ ପ୍ରସୂତୀମାନଙ୍କ ପାଇଁ ରାଜ୍ୟର ସମସ୍ତ ମେଡ଼ିକାଲରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି। ନିକଟରେ ବିଧିବଦ୍ଧ ଭାବେ ସରକାରଙ୍କ ମମତା ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିରେ ସମସ୍ତ ଗର୍ଭବତୀ ମହିଳାଙ୍କୁ ସବୁ ପ୍ରକାର ସରକାରୀ ସ୍ତରର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଅନେକ ପ୍ରକଳ୍ପ କାର୍ଯ୍ୟ କରୁଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ଗର୍ଭବତୀ ମାନଙ୍କୁ ପାଞ୍ଚହଜାର ଟଙ୍କା ପ୍ରଦାନ କରାଯିବା ସହ ସମସ୍ତ ସ୍ୱାସ୍ଥ୍ୟଗତ ଦାୟିତ୍ୱ ନିଶୁଳ୍କ ଭାବରେ ଉପଲବ୍ଧ କରାଯାଇଛି। ଦୁଇଟି ପିଲା ଜନ୍ମ ହେବା ପର୍ଯ୍ୟନ୍ତ ଏହି ମମତା ଯୋଜନାରେ ସହାୟତା ପ୍ରଦାନ କରାଯାଉଛି। ଏହି ଯୋଜନାକୁ ଦେଶର ଏକ ଆଦର୍ଶ ଯୋଜନା ଭାବେ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି ସତ ହେଲେ ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ଆନ୍ତରିକତା ବଢ଼ିଲେ ଏହା ସଫଳ ହୋଇପାରିବ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାତ୍ର ଗୋଟିଏ ପିଲା ଜନ୍ମ ପାଇଁ ଏହି ଯୋଜନାରେ ଗର୍ଭବତୀଙ୍କୁ ସହାୟତା ମିଳିବ। ନିକଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟରେ ସଂପ୍ରତି ଜନନୀ ସୁରକ୍ଷା ଯୋଜନାରେ ଚଉଦଶହ ଟଙ୍କା ଓ ମମତା ଯୋଜନାରେ ଗର୍ଭବତୀଙ୍କୁ ପାଞ୍ଚ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଇଛି। କେବଳ ସେତିକି ନୁହେଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରସୂତୀମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଆଦର୍ଶଣୀୟ କାର୍ଯ୍ୟକ୍ରମର ବ୍ୟବସ୍ଥା ରଖିଛନ୍ତି। ଯଥା ନିରାମୟ ଯୋଜନାରେ ମାଗଣାରେ ଔଷଧ ଓ ଜନନୀ ଏକ୍ସପ୍ରେସ୍, ୧୦୮ ଓ ୧୦୨ ଆମ୍ବୁଲାନ୍ସ ମଧ ଯୋଗାଇ ଦିଆଯାଉଛି। ରାଜ୍ୟର ସହରାଞ୍ଚଳ ଓ ଯୋଗାଯୋଗ ସମ୍ପନ୍ନ ସ୍ଥାନରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଦୁର୍ଗମ ଓ ଉପାନ୍ତ ଅଞ୍ଚଳର ଗ୍ରାମ ଗୁଡ଼ିକ ପାଇଁ ଏହି ସ୍ୱତନ୍ତ୍ର ଯୋଜନା ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମହାର କ୍ଷେତ୍ରରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶାରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ହାର ୬୨.୮ ପ୍ରତିଶତ, ସେହିଭଳି ମହାରାଷ୍ଟ୍ରରେ ୩୭.୭, ମଧ୍ୟପ୍ରଦେଶରେ ୬୦.୭, ଗୁଜୁରାଟରେ ୪୭.୪ ପ୍ରତିଶତ ରହିଛି। ଦେଶରେ ମାତୃ ଓ ଶିଶୁମୃତ୍ୟୁ ହାର ହ୍ରାସ ଦିଗରେ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ପ୍ରତି ଏକ ହଜାର ଶିଶୁ ଜନ୍ମରେ ୯୬ ଜଣ ମୃତ୍ୟୁମୁଖରେ ପଡ଼ୁଛନ୍ତି। ତେବେ ୨୦୦୦ରୁ ୨୦୧୪ ମଧରେ ଏହାର ସ୍ଥାନ ଚାଳିଶକୁ ଖସି ଆସିଛି। ପ୍ରତିବର୍ଷ ଏକାବନ ହଜାର ଶିଶୁଙ୍କ ଜୀବନ ବଞ୍ଚାଇ ପାରୁଛନ୍ତି ବୋଲି ବିଧାନସଭାରେ ନିକଟରେ ଏ ନେଇ ତଥ୍ୟ ପ୍ରକାଶ ପାଇଛି। ଓଡ଼ିଶାରେ ସରକାରୀ ହସ୍ପିଟାଲରେ ସନ୍ତାନ ପ୍ରସବ ପାଇଁ ରୋଗୀଙ୍କୁ କୌଣସି ଖର୍ଚ୍ଚ ଦେବାକୁ ପଡ଼ିବା ତ ଦୂରର କଥା ବରଂ ସରକାର ସମସ୍ତ ଖର୍ଚ୍ଚ ବହନ କରିବା ସହ ଗର୍ଭବତୀ ସମୟର ପ୍ରାଥମିକ ଅବସ୍ଥାରୁ ସନ୍ତାନ ପ୍ରସବ ପର୍ଯ୍ୟନ୍ତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧପତ୍ର ଓ ଅନ୍ୟାନ୍ୟ ଆର୍ଥିକ ସହାୟତାର ପର୍ଯ୍ୟାପ୍ତ ସୁଯୋଗ ଓ ବ୍ୟବସ୍ଥା ଓଡ଼ିଶା ସରକାର କରିଛନ୍ତି। ରାଜ୍ୟରେ ୨୦୦୫ରୁ ଜନନୀ ସୁରକ୍ଷା ଯୋଜନା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଏକ ଗଣମାଧ୍ୟମର ପ୍ରକାଶିତ ସ୍ୱାସ୍ଥ୍ୟ ବିଭାଗ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଏହି ଯୋଜନାରେ ୯୬୭.୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ୨୦୧୧-୧୨ରୁ ରାଜ୍ୟରେ ମମତା ଯୋଜନା ଆରମ୍ଭ ହୋଇଥିବାବେଳେ ଏହି ଯୋଜନାରେ ଏଯାବତ୍ ୧,୧୩୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେନ୍ଦ୍ରରେ ମୋଦି ସରକାର ଶାସନ ଦାୟିତ୍ୱ ନେବା ପରେ ଓଡ଼ିଶାକୁ ପର୍ଯ୍ୟାପ୍ତ ସମ୍ବଳ, ସହାୟତା, ଅନୁଦାନ ଦିଆଯାଉଥିବାର ଖବର ପ୍ରକାଶ ପାଉଥିବାବେଳେ ସ୍ୱାସ୍ଥ୍ୟଗତ କ୍ଷେତ୍ର ପରି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପ୍ରକଳ୍ପରେ କେନ୍ଦ୍ରୀୟ ସହାୟତା ଯଥେଷ୍ଟ ହେଉନାହିଁ। ରାଜ୍ୟର ଲୋକପ୍ରିୟ ସରକାର 'ଗାଁକୁ କାମ, ମାଆକୁ ସମ୍ମାନ' ବାର୍ତ୍ତା ସଫଳ କରିବା ପାଇଁ ବିନା କେନ୍ଦ୍ରୀୟ ସହଯୋଗରେ ବିଶେଷକରି ମହିଳା ମାନଙ୍କ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱପ୍ରଦାନ କରି ନିରନ୍ତର ଭାବରେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତୃଣମୂଳ ସ୍ତରରେ ଥିବା ଆଶାକର୍ମୀ ଓ ସ୍ୱାସ୍ଥ୍ୟ ସହାୟିକାମାନେ ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ ଘର ଘର ବୁଲି ମହିଳା ସ୍ୱାସ୍ଥ୍ୟଗତ ସରକାରୀ ପ୍ରଦତ୍ତ ସୁଯୋଗ ସେମାନଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହେଉଛନ୍ତି। ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ସିଟି ହସ୍ପିଟାଲ ଏପରିକି ବଡ଼ମେଡ଼ିକାଲରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ପ୍ରାଥମିକତା ଦେଉଛନ୍ତି। ଆଜି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ମହିଳାମାନେ ଅନେକ ସୁବିଧା ସୁଯୋଗ ପାଇ ସ୍ୱାସ୍ଥ୍ୟଗତ ଓ ନିରାପଦ ଭାବରେ ସନ୍ତାନ ପ୍ରସବ କରିପାରୁଛନ୍ତି ଓ ତତ୍‌କାଳ ସମସ୍ତ ସରକାରୀ ସୁବିଧା ସୁଯୋଗ ମଧ ପାଉଛନ୍ତି। ବର୍ଷର ବିଭିନ୍ନ ସମୟରେ ବିଶେଷକରି ମହିଳା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଲ କାମ କରୁଥିବା ଆଶାକର୍ମୀ ହୁଅନ୍ତୁ ବା ସ୍ଥାନୀୟ ଦିଦି, ଷ୍ଟାଫନର୍ସଙ୍କ ଠାରୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କୁ ମଧ ପ୍ରୋତ୍ସାହନ ଓ ପ୍ରେରଣା ରାଜ୍ୟ ସରକାର ଯୋଗାଇ ସ୍ଥଳବିଶେଷରେ ସମ୍ବର୍ଦ୍ଧିତ ମଧ କରୁଛନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ସ୍ୱାସ୍ଥ୍ୟକ୍ଷେତ୍ର ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟକୁ ଆଶାନୁରୂପ ଓ ପର୍ଯ୍ୟାପ୍ତ ସହଯୋଗ ଯୋଗାଇବା କେନ୍ଦ୍ରର ନିଶ୍ଚିନ୍ତ ଦାୟିତ୍ୱ। ତେବେ ଅନେକ କ୍ଷେତ୍ରରେ ଓଡ଼ିଶା ସରକାର କେନ୍ଦ୍ରୀୟ ସହାୟତା ପାଇଁ ବାକ୍‌ବିତଣ୍ଡା ନକରି ବରଂ ନିଜସ୍ୱ ପାଣ୍ଠିରେ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଇ ଏହାକୁ ଫଳପ୍ରସୂ କରିବାପାଇଁ ବେଶ ସମର୍ଥ ହେଉଛନ୍ତି। ଓଡ଼ିଶା ସରକାରଙ୍କ ମମତା ଯୋଜନା ଭାରତର ଅନ୍ୟ ରାଜ୍ୟ ପାଇଁ ନିଶ୍ଚିନ୍ତ ଭାବରେ ପ୍ରସୂତୀମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ରକୁ ପ୍ରାଥମିକତା ଦେବା ପାଇଁ ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରୁଛି।

**(ସୌଜନ୍ୟ: ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ସିଟି ହସ୍ପିଟାଲ, କଟକ, ଦୂରଭାଷ: ୯୪୩୭୬୬୬୪୫୩)**

# ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି !

ରାଜା ହାତରେ ଖଣ୍ଡା ନହେଲେ ଶରାଶନ, ଏବକୁ ପିସ୍ତଲ ବନ୍ଧୁକ ସଜ୍ଜିତ। ଜୀବନ ବହୁ ମୂଲ୍ୟବାନ ବୋଧକରି ନିରାପତ୍ତାରକ୍ଷୀ ଗହଣରେ ଗମନାଗମନ କରୁଛନ୍ତି। ପ୍ରଜାଙ୍କ ବିଶ୍ୱାସରେ ନେତା ଭୋଟରେ ନିର୍ବାଚିତ ମାତ୍ର ପଦପଦବୀ ମଣ୍ଡିତ ହୋଇ ସେ ଆଉ ପ୍ରଜାଙ୍କୁ ବିଶ୍ୱାସ କରିପାରୁନାହାଁନ୍ତି ସମସ୍ତେ ଶତୃବୋଧ ହେଉଛନ୍ତି। ହେଲେ ଯେଉଁ ପଦବୀରେ ଅଛନ୍ତି ଏତେ ମୂଲ୍ୟବାନ ବୋଧରେ ସମୟ କାଟୁଛନ୍ତି। ଠିକ୍ ତଳେଇ ଚାହିଁଲେ ବା ଊର୍ଦ୍ଧ୍ୱକୁ ମୁଖ କଲେ ଦେଖିପାରିବେ ମୁଣ୍ଡ ଉପରେ ଏକ ସୂତାଖିଅରେ ତରବାରୀଟିଏ ମୁନ ପଟକୁ ତଳକୁ ରଖି ଝୁଲୁଛି ପୁଣି ସେ ପୃଥିବୀର ମାଧାକର୍ଷଣ ଶକ୍ତିର ସର୍ବଦା ଟାଣରେ ରହିଛି ଓ ଖରାବର୍ଷା ପବନ ସୂତାଟିକୁ ପାମ୍ପରା କରି ଚାଲିଛନ୍ତି। ପଦପଦବୀ ଲୋକଙ୍କ ପାଇଁ ମାତ୍ର ମୁଷ୍ଟିମେୟ ଲୋକଙ୍କ ପାଇଁ ନୁହଁ, ମୁଷ୍ଟିମେୟ ତ' ଭୋଟ ଦେଇ ଜିତାପଟରେ ନାହାଁନ୍ତି ତେବେ ମୁଷ୍ଟିମେୟଙ୍କ ପାଇଁ ଦରଦୀ କାହିଁକି ? ଶରୀରରେ ରୋଗ ନ ହେବା ପାଇଁ କେବଳ ଟନିକ ଖାଇଲେ ହୁଏନାହିଁ। ଶରୀର ପାଇଁ ସଂଯମ ଆଚରଣ ଆଗ। ଯେଉଁ ମୁଷ୍ଟିମେୟଙ୍କ ପ୍ରତି ରାଜ ଦରଦୀ ସେମାନେ ଭୋଟବେଳେ ବା ଭୋଟ ପାଇଁ ଟନିକ ଦେଉଛନ୍ତି। ମାତ୍ର ସେମାନେ ମାଦଳର ଦୁଇପଟରେ ହାତ ରଖିଥା'ନ୍ତି ଯିଏ ଆସୁ ସେ ଆମ ଲୋକ ହୋଇ ପରୋକ୍ଷ ଶାସନରେ ରହିବା ଜଣାପଡ଼ିଯାଏ। ଅନେକ କଷ୍ଟରେ ଗଣତନ୍ତ୍ର ହାସଲ କରାଯାଇଛି। ଏହାକୁ ଅନନ୍ତକାଳ ଯାଏ ରକ୍ଷା କରି ପ୍ରଜାନୁଶାସନ ଧାରାକୁ ବଳବତ୍ତର ରଖିବା, ଗଜୁରୁଥିବା ନେତାଙ୍କୁ କେବେ ଶିକ୍ଷା ମିଳୁନାହିଁ। ପରେ ହିମାଳୟ ଶୃଙ୍ଗ ତୁଙ୍ଗ ନେତା ଯିଏ ସେ କାହିଁକି, ଭାବିବେ ଯେ ତାଙ୍କ ଆଦେଶରେ ଯାହା ହେଉଛି ତାହା କ୍ରମେ କ୍ରମେ ଗଣତନ୍ତ୍ରର ଆୟୁକ୍ଷୟ କାଳେ ହୋଇଯିବ ? ରାଜା ପୂର୍ବେ କେଉଁମାନେ ଥିଲେ ଯେଉଁମାନେ ବହୁ ଭୂମିର ଅଧିକାରୀ ଜମିଦାର ଛୋଟରୁ ପ୍ରଗତି ଲଭି ରାଜା



ମହାରାଜ ହେଉଥିଲେ ଯାହାର ବହୁ ପଶୁସମ୍ପଦ ଥିଲେ ସେ ବି ରାଜା, କେଉଁ ରାଜାଙ୍କର କେତେ ଘର ହାତିରେ ପରିଚିତକୁ କେଉଁ ଚାଷୀର କେତେ ହଳ ବଳଦ ଏମିତି ପରିଚିତି ଥିଲା। ଏମିତିକୁ ରାଜ ଅନୁମତି ଫରମାନ ପାଇ ଆମଦାନୀ ରପ୍ତାନୀକାରୀମାନେ କ୍ରମେ କ୍ରମେ ରାଜାକୁ ଥୋପ ଦେଖାଇ ନିଜ ପାଇଁ କାନୁନ କରାଇ ନେଇ ରାଜାକୁ ଛଳ କପଟରେ ତଡ଼ି ବା ଶେଷକରି ନିଜର ଜନକୁ ସୁପାରୀରୂପେ ରଖି ବଣିକ ରାଜ ଚଳାଉଥିବା ଜଣାପଡୁଛି। ଏମିତି ବି ହୋଇଛି ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ଏମିତି ଶେଷରେ ଲର୍ଡ଼ ହୋଇଛନ୍ତି। ସମୟ ବଦଳିବାରେ ଲାଗିଛି ଲୋକଙ୍କର ଚାହିଦା ଦ୍ରବ୍ୟ ଲୋଭ ବଢ଼ିଛି, ଏ ଯୁଗରେ ମିଥ୍ୟାଶ୍ରୟ ହିଁ ରୋଜଗାରର ଉତ୍ସ। ନାମକରଣ ସହିତ ଦ୍ରବ୍ୟଗୁଣ ଶାସ୍ତ୍ରରେ ଲେଖା ରହିଛି। ଅନେକ ଶବ୍ଦର କ'ଣ ଅର୍ଥ ହେବ ଲୋକେ ଶବ୍ଦର ବିଶ୍ଳେଷଣରୁ କ'ଣ ଭାବି ଚିନ୍ତି ବ୍ୟବହାର ସପକ୍ଷରେ ବା ବିପକ୍ଷରେ ଯିବେ, ଏହା ଧାର୍ଯ୍ୟ ଥିଲା ମାତ୍ର ସେ ସବୁ ପୁରୁଣା କଥା ହୋଇଗଲାଣି। ପ୍ରତି ଦ୍ରବ୍ୟର ସଂସ୍କାର ଦ୍ୱାରା ମନୁଷ୍ୟ ବ୍ୟବହାର ଉପଯୋଗୀ ହୋଇଥାଏ। ପୁଣି କିଏ ଦ୍ରୁତ ବିଷ ତ' କିଏ ମନ୍ଥର ବିଷ ଏହାର ଚିହ୍ନଟ ଯାହା ଧାର୍ଯ୍ୟ ଥିଲା। ଏ ପାଇଁ ଯେଉଁ ବିଶ୍ୱାସଧାରା ଥିଲା ତାହା ଉଭେଇ ଗଲାଣି। ବର୍ତ୍ତମାନ ଖାଦ୍ୟ ପଦାର୍ଥ ଭୋଜ୍ୟ ତୈଳ ଘିଅ ଦୁଗ୍ଧ ଘୃତ ରୋଗ ପାଇଁ ଔଷଧ, ଏମିତି କିଛି ଦ୍ରବ୍ୟ ପୁରା ଅସଲି ନାମରେ ନକଲି ଦ୍ରବ୍ୟରେ ମିଳିଲାଣି, ଲୋକଙ୍କ ଧର୍ମଜ୍ଞାନ ନାହିଁ ଏଥିରେ ସର୍ବେ ଏକାକାର। ଦେବତାଙ୍କୁ ମହିଷାସୁର କଷ୍ଟ ଦେଉଛି, ଦେବତା ଆସନ ବସନ ଛାଡ଼ି ପାହାଡ଼ ପର୍ବତ ବଣରେ ଘୁରି ବୁଲୁଛନ୍ତି। ଶେଷରେ ଉପାୟ ଖୋଜା ବିଷ୍ଣୁଙ୍କୁ ସାକ୍ଷାତ। ବିଷ୍ଣୁ କହିଲେ ମହିଷାସୁରର ପରିଚୟ କ'ଣ ? ସେ କେମିତି ଦିଗପାଳଙ୍କ କର୍ମ ପରିସରରୁ ବାହାରି ଏପରି କର୍ମକୁ ବାହାରିଲା। ଦିଗପାଳମାନେ ତାଙ୍କର ଠିକ୍ କର୍ମ କଲେନାହିଁ କାହିଁକି ? ପ୍ରତି ସ୍ଥଳରେ, ଦଶ ଦିଗ ସମ୍ବନ୍ଧ ରହିଛି। ଚାରି ଦିଗ, ଚାରି କୋଣ ଉର୍ଦ୍ଧ ଅଧଃ/ଏଇମାନେ ସବୁ ସ୍ଥଳ, ସବୁ ବ୍ୟକ୍ତି, ସବୁ ଅନୁଷ୍ଠାନ ଦ୍ରବ୍ୟ ଉପରେ ତାଙ୍କ ନିୟନ୍ତ୍ରଣ ରଖିଥା'ନ୍ତି। ନିୟନ୍ତ୍ରଣକାରୀ ଶକ୍ତି ବଶୀଭୂତ ବା ମମତା ବଶୀଭୂତ ହୋଇ ଅନ୍ୟ ଦିଗପାଳକୁ ମୋ' ଲୋକ କହି ଆଗକୁ ବଢ଼ାଇଲେ ଏଇ ମହିଷାସୁର ପରି ସର୍ବଦା ଜନ୍ମ ନେଇପାରନ୍ତି। ନେଇପାରନ୍ତି କ'ଣ? ନେଇଗଲେଣି। ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଆମ ଦେଶର ପ୍ରଧାନମନ୍ତ୍ରୀ ଥିଲେ। ଏମାନେ କେଉଁ କାରଣରୁ ହତ୍ୟାର ଶିକାର ହେଲେ ଏଇ ଦିଗପାଳଙ୍କ କର୍ମ ଢ଼ିଲା ଯୋଗୁଁ ହୋଇଛି। ଶତୃ ରାଜ୍ୟ ଶତୃ ଦେଶକୁ ସହାୟକ ଏ ଦେଶରେ ଅଭାବ ଆଉ ନାହାଁନ୍ତି। ଯେଉଁ ବନ୍ଧୁକ ସୈନ୍ୟ, ପାଲିସ ଧରନ୍ତୁ ତାଙ୍କୁ ମୁକାବିଲା କରିବାକୁ ଲୋକ ବି ହୋଇଗଲେଣି। ନକ୍ସାଲ ପ୍ରବଳ ଗଞ୍ଜେଇ ପରି ଦ୍ରବ୍ୟ ବ୍ରାଉନସୁଗାର, ବେପାରୀ ପ୍ରବଳ ଦେଶର ଗୁରୁତ୍ୱପୂର୍ଣ୍ଣ ଦଲିଲ ନକ୍ସା ବାହାରକୁ ଗଲାଣି। ସରକାରୀ ଆଇନରେ ଛପା କାଗଜ ମୁଦ୍ରାର ନକଲ ମୁଦ୍ରା ବହୁତ ଛପା ଯାଇଥିବା ଜଣାପଡ଼ିବା ଏସବୁ ତୃଣମୂଳରେ ଦିଗପାଳମାନଙ୍କର ଅବଶ୍ୟ ଅବହେଳାରୁ ଶେଷରେ ସବୁ ପ୍ରକାର ଅଧିକାରୀ ବିନାଶ ହୋଇ ହୋଇ ଅନ୍ୟାୟ ରାଜ ଅନ୍ୟାୟ ବଳପୂର୍ବ ମଣ୍ଡାଖିଆ ପଣ୍ଡାମାନେ ରାଜ କରିବେ। ଏକଥାର ଦିଗ ଫର୍ଚ୍ଚା ହୋଇ ହୋଇ ଚାଲିଲାଣି। ଦେଶ ରକ୍ଷା, ରାଜ୍ୟ ରକ୍ଷା ପାଇଁ ଅନ୍ତଃ ବିପ୍ଳବ ବହିଃ ବିପ୍ଳବ କଠୋର ହସ୍ତରେ ଦମନ କରିବା ରାଜଶକ୍ତିର କାର୍ଯ୍ୟ। ଦେଶର ପ୍ରଗତି ପାଇଁ ଲୋକଙ୍କ ରୋଜଗାର ବୃଦ୍ଧିକୁ ପ୍ରାଧାନ୍ୟ ଦେବା ସହିତ ବହୁ ଆଗକୁ ଭାବି କାନୁନ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଯେ ଭୋଟ ଦେଇ ନିର୍ବାଚିତ କରିଛନ୍ତି ତାଙ୍କୁ ଦୂରେଇ ରଖି ଦଲାଲଙ୍କୁ ନିଜ ଲୋକ କେବେ ମଣନ୍ତୁ ନାହିଁ। ରାଜାଙ୍କ ଭ୍ରମ ସଂଶୋଧନକୁ ଯେ ଚେତାଏ ସେ କେବେ ମହାଶତୃ ବଡ଼ ବାବୁମାନେ ଭାବନ୍ତୁ ନାହିଁ। ଭ୍ରମ ସଂଶୋଧନ ତ୍ରୁଟି ସୁଧାର ହେଲେ ସୁନାପରି ଉଜ୍ଜ୍ୱଳ ହୋଇଯିବେ। ଉତ୍ତରଦାୟୀ ଭାବନା ସବୁ ରାଜା ପ୍ରଶାସନର ରହିବା କଥା, ହେଲେ ଦୁର୍ଦ୍ଦଶା ହେଲା ଶାସ୍ତ୍ରୀ ରେଲମନ୍ତ୍ରୀ ଇସ୍ତଫା ଦେଇଥିଲେ। ପରେ ତାଙ୍କର କ'ଣ ସମ୍ମାନ ବଢ଼ି ନଥିଲା ? ହେଲେ ବଡ଼ ବଡ଼ ନିନ୍ଦନୀୟ ଘଟଣା ପାଇଁ ଉତ୍ତରଦାୟୀ କେହି ହେଉନାହାଁନ୍ତି ସତେ ଯେମିତି ଛାତଟିଏ ଖୁଣ୍ଟ ବିହୀନ ଠିଆ ହୋଇ ରହିଛି। ଏସବୁ ଉପରେ କାଳ ଶୂନ୍ୟରେ ପ୍ରତ୍ୟେକଙ୍କ ମୁଣ୍ଡ ଉପରେ ଖଣ୍ଡା ଟାଙ୍ଗିଛି ଥରେ ଚିନ୍ତନ କରନ୍ତୁ। କେହି ଜନ୍ମ ବେଳେ ନେଇକରି ଆସିନାହିଁ କି ମଲା ବେଳକୁ ନେଇକରି ଯିବନାହିଁ। ନିଜର ଯାହା ମଣୁଛ, ପ୍ରକୃତ ତାହା 'ମାୟା' ଏକଥା ଟିକେ ଚିନ୍ତା କରିଲେ ବହୁ ସମାଧାନ ଛାଏଁ ଛାଏଁ ହୋଇଯାଇପାରିବ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,**
**ସମ୍ପାଦକ, 'ନିୟତି', ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**

## ବିଲେଇପଦା ମଣ୍ଡଳ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ:
## ବେକାରୀ ସମସ୍ୟା ପାଇଁ ସ୍ଥାନୀୟ କମ୍ପାନୀକୁ ବିଜେପିର ଟାର୍ଗେଟ୍

ଯୋଡା (ପିଏନ୍): ରାଜ୍ୟ ରାଜକୋଷକୁ ସର୍ବାଧିକ ରାଜସ୍ୱ ଦେଉଥିବା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଏଠାରୁ କଞ୍ଚା ମାଲ ନେଉଥିବା କମ୍ପାନୀମାନେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବନ୍ଦ କରି ଦେଇଛନ୍ତି। ପୂର୍ବରୁ ଏଠାକାର ଖଣିରେ ସ୍ଥାନୀୟ ଲୋକମାନେ ହ୍ୟାଣ୍ଡ ମାଇନ୍‌ର ଭାବେ କାମ କରି ପେଟ ପୋଷୁଥିଲେ। କିନ୍ତୁ ସମ୍ପୂର୍ଣ୍ଣ ଭାବେ ମେସିନ୍ ମାଇନିଙ୍ଗ ହେବା ଦ୍ୱାରା ସ୍ଥାନୀୟ ଲୋକ ଜୀବିକା ହରାଇଛନ୍ତି। ଖଣିରୁ ନିଷ୍କାସିତ ହେଉଥିବା ଖଣିଜ ଫାଇନ୍ସ ବର୍ଷା ପାଣିରେ ଲୋକଙ୍କ ଚାଷ ଜମିରେ ମାଡି ଯାଇ ସେଗୁଡିକର ଉର୍ବରତା ନଷ୍ଟ କରୁଛି ଓ ଜମି ଚାଷୋପଯୋଗୀ ରହୁନାହିଁ। ଫଳରେ ଏଠାକାର ଲୋକମାନେ କୌଳିକ ବୃତ୍ତି ହରାଇ ବସିଛନ୍ତି। ଅଥଚ ଏଠାକାର କମ୍ପାନୀମାନେ ବାହାରୁ ଲୋକ ଆଣି ନିଯୁକ୍ତି ଦେଉଛନ୍ତି। ଏପରିକି ସିଲିକ ସପ୍ଲାଏ, ପରିବହନ କାର୍ଯ୍ୟ, ଏପରିକି ସିକ୍ୟୁରିଟି ଗାର୍ଡ ଭଳି ତଳିଆ ପଦରେ ମଧ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଲୋକମାନେ ହତାଶ ହୋଇ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ଓ ସେମାନଙ୍କ ସାମାଜିକ ତଥା ଆର୍ଥିକ ସ୍ଥିତି ବିପନ୍ନ ହେବାରେ ଲାଗିଛି। ସୁତରାଂ ଏଠାରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ କର୍ମନିଯୋଜନ ପାଇଁ ସ୍ଥାନୀୟ ଖଣି ଓ କମ୍ପାନୀକୁ ଗାର୍ଗେଟ୍ କରିଛି ବିଜେପି। ବିଲେଇପଦା ମଣ୍ଡଳର ଦ୍ୱିତୀୟ ପରିବର୍ଦ୍ଧିତି କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଡ. ମୁରଲୀ ମନୋହର ଶର୍ମା କହିଛନ୍ତି ଯେ ଅଂଚଳରେ ବେକାରୀ ସମସ୍ୟା ଦୂର କରିବାରେ ସ୍ଥାନୀୟ କମ୍ପାନୀଙ୍କଠାରୁ ଆବଶ୍ୟକ ସହଯୋଗ ମିଳୁନାହିଁ। ସ୍ଥାନୀୟ କଣ୍ଡରା ପଡିଆଠାରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କହିଥିଲେ ମଣ୍ଡଳ ସଭାପତି ଅଲେଖ କୁମାର ବାରିକ। ଏହି ବୈଠକରେ ମାଧବ ଚନ୍ଦ୍ର ପଲେଇ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ବାସୁଦେବପୁର ଠାରେ ନିର୍ମାଣଧୀନ କାନପୁର ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବିସ୍ଥାପିତଙ୍କ ସମସ୍ୟାର ସମାଧାନ, ରାସ୍ତାଘାଟ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ୧୦ଟି ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ବିଲେଇପଦା ପ୍ରଭାରୀ ତଥା ଜିଲ୍ଲା ଉପସଭାପତି ଦେବପ୍ରସାଦ ମିଶ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୋମବାରୀ ମୁଣ୍ଡା, ଜିଲ୍ଲା ଏସ୍‌ଟି ମୋର୍ଚ୍ଚା ଉପସଭାପତି ପୁରୁଷୋତ୍ତମ ଗାଗରାଇ, ରାଜ୍ୟ ଯୁବମୋର୍ଚ୍ଚା ଆମନ୍ତ୍ରିତ ସଦସ୍ୟ ପ୍ରକାଶ ମଲ୍ଲିକ, ବିଲେଇପଦା ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ ମହାକୁଡ, ମଣ୍ଡଳ ଉପସଭାପତି ନଟବର ନାଏକ, ସମ୍ପାଦକ ରବୀନ୍ଦ୍ର କୁମାର ବାରିକ, ସବିତା ନାଏକ, ମଣ୍ଡଳ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ନାଏକ, ଓବିସି ମୋର୍ଚ୍ଚା ସଭାପତି ଉଦୟନାଥ ବାରିକ, ଏସ୍‌ସି ମୋର୍ଚ୍ଚା ସଭାପତି ମିଲ ବେହେରା, କୃଷକ ମୋର୍ଚ୍ଚା ସଭାପତି ଚକ୍ରଧର ନାଏକ, ଏସ୍‌ଟି ମୋର୍ଚ୍ଚା ସଭାପତି ଲକେ ମୁଣ୍ଡା, ପଂଚାୟତ ପ୍ରମୁଖ ମିଶ୍ର ପଲେଇ, ବୁଥ୍ ଅଧକ୍ଷ ମାଧବ ଚନ୍ଦ୍ର ପଲେଇ ଓ ବିଭିନ୍ନ ବୁଥ୍‌ର ସଭାପତିମାନେ ଯୋଗ ଦେଇଥିଲେ। ବୈଠକରେ ସବିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଭିଡ ୧୯ ସଚେତନତା ଶିବିର



କେନ୍ଦୁଝର (ପିଏନ୍): ତୁରୁମୁଙ୍ଗା ସ୍ଥିତ ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ କୋଭିଡ ୧୯ ଉପରେ ଜାତୀୟ ସେବା ସଂସ୍ଥା ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ତ୍ରୈଳକ୍ୟ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପଦ୍ମଲୋଚନ ସାହୁ ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ତ୍ରିନାଥ ମହା', ଅଜୟ କୁମାର ବେହେରା, ଅଧ୍ୟାପିକା ଜଗତଜନନୀ ଜେନା, ତପସ୍ୱିନୀ ସାହୁ କୋଭିଡ ୧୯ ଉପରେ ଛାତ୍ରୀଛାତ୍ର ଙ୍କୁ ସଚେତନ କରାଇଥିଲେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ହାତ ଧୋଇବା ଭଳି ନିୟମ ପାଳନ କଲେ ଆମେ କରୋନା ଭଳି ମହାମାରୀ ରୁ ବହୁ ପରିମାଣରେ ସୁରକ୍ଷିତ ରହିପାରିବା ବୋଲି ଡକ୍ଟର ପରିଡା କହିଥିଲେ। ସଭା ଶେଷରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକମାନେ ସାମିଲ ହୋଇଥିଲେ।

## ମୟୁର ବିଉଟୀ ସେଲୁନ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଛକ - ଗରାପୁର ଭି.ଆଇ.ପି. ରାସ୍ତାର ରଣପଡାରେ ମୟୁର ବିଉଟୀ ସେଲୁନ ସୋମବାର ଉଦଘାଟିତ ହୋଇଯାଇଛି। କେବଳ ବାଳିକା ଓ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ସେଲୁନରେ ଅତ୍ୟାଧୁନିକ କୌଶଳରେ ସମସ୍ତ ପ୍ରକାର ନୂତନ ଡିଜାଇନର ସୁବିଧା ସେମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ସେଲୁନକୁ ମାଲିକ ପରୱିନ ବାନୋଙ୍କ ଝିଅ ମାହେନୁର ସଲିମ(ଜନତ) ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହୋଟେଲ ଗ୍ରାଣ୍ଡ ମୟୁରର ମାଲିକ ମୀର ଅକ୍ତର ଅଲ୍ଲୀ, ଫୈଜିଆ ରହିମ(ଡେଜି), ଗୁଲଫଜା ପରୱିନ, ସୋହେମା ସେକ, ହେନା ବେଗମ, ୟାସ୍ମିନ ବାନୋ, ଅବଦୁଲ ସଲିମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ସ୍କୁଲରେ ଟ୍ୟୁସନ ଅଧିକ



ଭୁବନେଶ୍ୱର (ପିଏନ୍): ଶିକ୍ଷା ଅଧିକାର ଆଇନ ଅନୁସାରେ ମାଗଣା ସ୍କୁଲ ଶିକ୍ଷାଦାନ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ ତାହା ଆଶା ଅନୁସାରେ ଯେ ସୁଫଳ ଦେଇପାରିବ ନାହିଁ ତାର ସୂଚନା ନିକଟରେ ପ୍ରକାଶିତ ଜାତୀୟ ପରିସଂଖ୍ୟାନ ସର୍ଭେରୁ ମିଳିଛି। ଏହାର ଅର୍ଥ ହେଲା ଦେଶର ସରକାରୀ ସ୍କୁଲ ଗୁଡ଼ିକରେ ଯଦି ଶିକ୍ଷାଦାନର ମାନ ବଢ଼ିବ ନାହିଁ ଓ ଘରୋଇ ଟ୍ୟୁସନ ଉପରେ ଛାତ୍ରଛାତ୍ରୀଙ୍କର ନିର୍ଭରଶୀଳତା ଯେପରି ବଢ଼ିଯାଉଛି ତାହା ଯଦି କମିହେବ ନାହିଁ ତେବେ ସରକାରଙ୍କର ଏହି ମହତ୍ୱ ଉଦ୍ଦେଶ୍ୟର କୌଣସି ଅର୍ଥ ରହିବ ନାହିଁ। କାରଣ ଏହି ସର୍ଭେରୁ ଦେଖାଯାଇଛି ଯେ ମୁଖ୍ୟତଃ ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ବେଶୀ ନିର୍ଭର କରୁଛନ୍ତି। ଦେଶରେ ଟ୍ୟୁସନ ଓ ଘରୋଇ କୋଚିଂ ବ୍ୟବସ୍ଥା ଯେ ଏକ ବଡ଼ ବ୍ୟବସାୟ ତାହା ସମସ୍ତେ ଜାଣନ୍ତି। ସ୍କୁଲ ସ୍ତରରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲୋକେ ନିଜ ସନ୍ତାନସନ୍ତତିକୁ ସରକାରୀ ମାଗଣା ସ୍କୁଲ ବଦଳରେ ଘରୋଇ ଇଂରାଜୀ ମିଡ଼ିୟମ ସ୍କୁଲକୁ ଦିନକୁ ଦିନ ଅଧିକ ସଂଖ୍ୟାରେ ପଠାଉଛନ୍ତି। ଶିକ୍ଷା ଅଧିକାର ଆଇନ, ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ, ମଧ୍ୟାହ୍ନଭୋଜନ ଆଦି ସତ୍ତ୍ୱେ ସରକାରୀ ସ୍କୁଲ ତୁଳନାରେ ଘରୋଇ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅନୁପାତ ବଢ଼ିଚାଲିଛି। ସରକାରୀ ସ୍କୁଲ ଗୁଡ଼ିକରେ ଭିତ୍ତିଭୂମିର ଉନ୍ନତିକରଣ ଓ ଶୌଚାଳୟ ସୁବିଧା ଆଦି ଜରିଆରେ ସେଗୁଡ଼ିକୁ ଆକର୍ଷଣୀୟ କରାଯାଉଥିଲେ ବି ଗରିବ ପରିବାର ଗୁଡ଼ିକ ବି ନିଜ ପିଲାଙ୍କୁ ଘରୋଇ ଇଂରାଜୀ ମିଡ଼ିୟମ ସ୍କୁଲ ବା ସରସ୍ୱତୀ ଶିଶୁମନ୍ଦିର ଭଳି ଘରୋଇ ସ୍କୁଲକୁ ପଠାଉଛନ୍ତି। ଏଥିରୁ ଜଣାପଡୁଛି ସରକାରୀ ସ୍କୁଲ ଗୁଡ଼ିକ ଆକର୍ଷଣୀୟ ହେଉନାହିଁ। ସରକାରୀ ସ୍କୁଲ ଶିକ୍ଷକମାନେ ସାଧାରଣତଃ ଘରୋଇସ୍କୁଲ ଶିକ୍ଷକଙ୍କ ଠାରୁ ଅଧିକ ଦରମା ପାଆନ୍ତି। ଏଣୁ ଆଶା କରିବା କଥା ଯେ ସବୁ ସୁବିଧା ଓ ଭଲ ଦରମା ପାଉଥିବା ଶିକ୍ଷକ ଥିବାରୁ ସରକାରୀ ସ୍କୁଲରେ ଭଲ ପାଠପଢ଼ା ହେଉଥିବ।

କିନ୍ତୁ ସଦ୍ୟ ପ୍ରକାଶିତ ଏନ୍‌ଏସ୍‌ଏସ୍ ଓ ସର୍ଭେରେ କୁହାଯାଇଛି ଯେ ସରକାରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀ ଘରୋଇ ସ୍କୁଲ ପିଲାଙ୍କ ତୁଳନାରେ ୩ରୁ ୪ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଯାହା ମୁଖ୍ୟତଃ ଟ୍ୟୁସନ ବାବଦରେ ଯାଉଛି। କାରଣ ସରକାରୀ ସ୍କୁଲରେ ସେମାନଙ୍କ ପାଇଁ କୌଣସି ଫି ନାହିଁ। ଉଭୟ ସରକାରୀ ପ୍ରାଥମିକ ସ୍କୁଲ ଓ ହାଇସ୍କୁଲରେ ଏହି ସ୍ଥିତି ପରିଲକ୍ଷିତ ହୋଇଛି। ସର୍ଭେର ଫଳାଫଳ ଅନୁସାରେ ୨୦୧୪ରେ ୨୫ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ଯେଉଁମାନଙ୍କ ସଂଖ୍ୟା ୭ କୋଟିରୁ ଅଧିକ ସେମାନେ ଘରୋଇ କୋଚିଂର ସୁବିଧା ନେଇଥିଲେ।

ଦେଶର ପ୍ରଧାନ କୋଚିଂ ସେଣ୍ଟର ବୋଲି କୁହାଯାଉଥିବା ରାଜସ୍ଥାନର କୋଟାରେ ଏହା ୨ ହଜାର କୋଟି ଟଙ୍କାର ଶିଳ୍ପ। ଦେଶର ସବୁ ଛୋଟବଡ଼ ସହରରେ କୋଚିଂ ସେଣ୍ଟରର ସଂଖ୍ୟା ବଢ଼ିଚାଲିଛି। ଅନେକ କୋଚିଂ ସେଣ୍ଟର କମ୍ପିଟିଟିଭ ପରୀକ୍ଷା ଅଥବା ଆଇଆଇଟି ଭଳି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ବା ମେଡ଼ିକାଲ ପଢ଼ା ପାଇଁ ଉଦ୍ଦିଷ୍ଟ ବୋଲି ସମସ୍ତଙ୍କର ଧାରଣା। କିନ୍ତୁ ଏନ୍‌ଏସ୍‌ଏସର ସର୍ଭେରୁ କୁହାଯାଇଛି ଯେ ଟ୍ୟୁସନ ଓ କୋଚିଂରେ ଯୋଗ ଦେଉଥିବା ୯୦ ପ୍ରତିଶତ ପିଲା ସେମାନଙ୍କର ମୌଳିକ ଶିକ୍ଷାର ଉନ୍ନତି ଲାଗି ଏହି ଘରୋଇ ବ୍ୟବସ୍ଥାର ଆଶ୍ରୟ ନେଉଛନ୍ତି। ସହରାଞ୍ଚଳରେ ଘରୋଇ କୋଚିଂରେ ନାମଲେଖା ୩୪ ପ୍ରତିଶତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହା ୨୩ ପ୍ରତିଶତ। ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ବି ଧନୀଘର ପରି ନିଜ ପିଲାଙ୍କୁ ଘରୋଇ ଟ୍ୟୁସନ ପଠାଉଛନ୍ତି। ଏଣୁ ବିସ୍ମିତ ହେବାର କିଛି ନାହିଁ ଯେ ଦେଶର ଶିକ୍ଷା ଉଦ୍ୟୋଗର ମୋଟ ଖର୍ଚ୍ଚ ୧୫ ପ୍ରତିଶତ ଏବେ ଘରୋଇ କୋଚିଂ ତଥା ଟ୍ୟୁସନରେ ଯାଉଛି। ହାଇସ୍କୁଲ ସ୍ତରରେ ଗ୍ରାମାଞ୍ଚଳରେ ମୋଟ ଶିକ୍ଷା ଖର୍ଚ୍ଚର ୩୩ ପ୍ରତିଶତ ଘରୋଇ କୋଚିଂ ତଥା ଟ୍ୟୁସନରେ ଯାଉଛି। କିନ୍ତୁ ସରକାରୀ ସାହାଯ୍ୟ ପାଉନଥିବା ଘରୋଇ ସ୍କୁଲରେ ଯେଉଁ ପିଲାମାନେ ପଢୁଛନ୍ତି ସେମାନଙ୍କ ମୋଟ ଶିକ୍ଷା ଖର୍ଚ୍ଚର ୭.୧ ପ୍ରତିଶତ ଟ୍ୟୁସନରେ ଖର୍ଚ୍ଚ ହେଉଛି। ଘରୋଇ ସ୍କୁଲ ପିଲା ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଟ୍ୟୁସନ କମ୍ ଖର୍ଚ୍ଚ କରିବାକୁ ପଡୁଛି। ଏଥିରୁ ବୁଝାପଡୁଛି ଯେ ଘରୋଇ ସ୍କୁଲରେ ପାଠପଢ଼ାର ମାନ ସରକାରୀ ସ୍କୁଲ ଅପେକ୍ଷା ଭଲ। ୨୦୧୪ରେ ଆସେର ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ପ୍ରାଥମିକ ସ୍ତରରେ ସରକାରୀ ସ୍କୁଲ ପିଲାଙ୍କ ଅପେକ୍ଷା ଘରୋଇ ସ୍କୁଲ ଛାତ୍ରଛାତ୍ରୀଙ୍କର ପଠନ ଓ ମୌଳିକ ଗଣିତ ଜ୍ଞାନ ଅଧିକ ଉନ୍ନତ। ସରକାର ଶିକ୍ଷା ବିକାଶ ପାଇଁ ଅଧିକ ଅର୍ଥ ବରାଦ କରୁଛନ୍ତି।

ଗତ କିଛିବର୍ଷ ମଧ୍ୟରେ ସ୍କୁଲ ଗୁଡ଼ିକର ଭିତ୍ତିଭୂମି ଉନ୍ନତ ହୋଇଛି। ଅଧିକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଅବଶ୍ୟ ଠିକା ଶିକ୍ଷକ ବା ଶିକ୍ଷା ସହାୟକ ବ୍ୟବସ୍ଥା ଠିକ୍ ନୁହେଁ ବୋଲି ମତ ପାଉଛି। କିନ୍ତୁ ପୁରା ଦରମା ପାଉଥିବା ଶିକ୍ଷକ ଥାଇ ମଧ ସରକାରୀ ସ୍କୁଲଗୁଡ଼ିକରେ ପିଲାମାନେ ପଢ଼ିବା ପାଇଁ କାହିଁକି ଆଗ୍ରହ ପ୍ରକାଶ କରୁନାହାନ୍ତି ତାର କାରଣ ନିଶ୍ଚିତ ଭାବେ ପାଠପଢ଼ା ଭଲ ହେଉନାହିଁ। ଏଣୁ କେତେକ ସ୍ତରରେ ମତ ପ୍ରକାଶ ପାଇଲାଣି ଯେ ଘରୋଇ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ସରକାର ଖର୍ଚ୍ଚ କରିବା ଉଚିତ। ଓଡ଼ିଶା କଥା ଦେଖିଲେ ଏବେ ରାଜ୍ୟରେ ସିବିଏସ୍‌ଇ ଢ଼ାଞ୍ଚାରେ ପାଠପଢ଼ା ଲାଗି ପ୍ରତି ବ୍ଲକରେ ଯେଉଁ ଆଦର୍ଶ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି ତାହା କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ସ୍କୁଲ ଓ ଘରୋଇ ଇଂରାଜୀ ମିଡ଼ିୟମ ସ୍କୁଲ ଢ଼ାଞ୍ଚାରେ ଚାଲିବ। ନିଶ୍ଚିତ ଭାବେ ଏଥିପ୍ରତି ମୂଳରୁ ପିଲାମାନଙ୍କର ଆଗ୍ରହ ଦେଖାଦେଲାଣି। କିନ୍ତୁ ସେଣ୍ଟ୍ରାଲ ସ୍କୁଲ ଗୁଡ଼ିକ ସରକାରୀ ହୋଇବି ଯେପରି ଭଲ ପଢ଼ାଯାଉଛି ବା ନବଦ୍ୟୋୟ ସ୍କୁଲ ଗୁଡ଼ିକ ସରକାରୀ ହୋଇମଧ ସେଗୁଡ଼ିକର ଯେପରି ଶିକ୍ଷାଦାନ ଭଲ ହେଉଛି ଏହି ସ୍କୁଲ ଗୁଡ଼ିକ ବି ସେପରି ହେବା ଉଚିତ। ମୋଟାମୋଟି ଭାବେ ଏନଏସ୍‌ଏସ୍ ସର୍ଭେର ଫଳକୁ ଦେଖି ଦେଶରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ସରକାରୀ ସ୍କୁଲର ଶିକ୍ଷାଦାନ ମାନ ବଢ଼ାଇବା ପାଇଁ ପଦକ୍ଷେପ ନେବା ଦରକାର।

**(ସୌଜନ୍ୟ: ଶେଖ ଫରିଦ୍‌ଉଦ୍ଦିନ, ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮)**




# ଲେବୁଲ-ଟୁ ଟେଣ୍ଡର ଖୋଲିବା ପରେ ଏଲ୍-୨ ପରିବହନ ଠିକାଦାରକୁ ଅନୁକମ୍ପା, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ହସ୍ତକ୍ଷେପ କରିବାକୁ ଦାବୀ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ ସୁଲଭ ମୁଲ୍ୟ ଦୋକାନକୁ ଗୋଦାମରୁ ଚାଉଳ ପରିବହନକୁ ନେଇ ଟେଣ୍ଡର ପ୍ରକ୍ରିୟାରେ ରାଜ୍ୟ ଯୋଗାଣ ନିଗମର ପଦକ୍ଷେପରେ ସ୍ୱଚ୍ଛତାକୁ ନେଇ ଏବେ ସାଧାରଣରେ ଅପେକ୍ଷା ରହିଥିବା ଆଲୋଚନା ହେଉଛି ।ଅନୁସନ୍ଧାନରୁ ଜଣାପଡିଛି ଯେ, କେନ୍ଦୁଝର ଯୋଗାଣ ବିଭାଗ ପକ୍ଷରୁ ଲେବୁଲ-ଟୁ ପରିବହନ ଠିକାଦାର ନିଯୋଜିତ ପାଇଁ ୨୦୨୧-୨୩ ବର୍ଷ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଆରଆରସି ବା ଗୋଦାମ ଘରୁ ପାଟଣା, ବାଂଶପାଳ,ତେଲକୋଇ ଓ ଝୁମ୍ପୁରା ବ୍ଲକ ଅଂଚଳ ର ରିଟେଲ ପଏଣ୍ଟକୁ ପିଡିଏସ ଚାଉଳ ଯୋଗାଣ ପାଇଁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଯୋଗାଣ ସାମଗ୍ରୀ ପରିବହନ ପାଇଁ ଟେଣ୍ଡର ଖୋଲିବା ପରେ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଏଲ୍-୧ ହୋଇଥିବା ପରିବହନ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ସୁପାରିଶ କରିଥିବା ଜଣାପଡିଛି । ଟେଣ୍ଡର ନିୟମ ଅନୁସାରେ ଟେଣ୍ଡର ଖୋଲିବା ପରେ ଏଲ୍-୧ ଠିକାଦାର ଓହରିଗଲେ ତାଙ୍କୁ ଟେଣ୍ଡର ନିୟମ ଅନୁସାରେ କଳା ତାଲିକାଭୁକ୍ତ କରିବା ସହ ଏଲ୍-୨ ଠିକାଦାର ଏଲ୍-୧ ଦରରେ ପରିବହନ କରିବା କଥା, ମାତ୍ର ଜିଲ୍ଲାସ୍ତରୀୟ ଟେଣ୍ଡର କମିଟି ଏହା ସୁପାରିଶ କରିନଥିବାରୁ କମିଟିର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହାକୁ ନେଇ ରାଜ୍ୟ ଯୋଗାଣ ନିଗମ କେଉଁ ପଦକ୍ଷେପ ନେଉଛି ତାହା ସୁସ୍ଥ ପରମ୍ପରା ସୃଷ୍ଟି କରୁଛି କି ନାହିଁ ତାହା ଆଲୋଚ୍ୟର ବିଷୟବସ୍ତୁ ହୋଇଛି । ପରିବହନ ଠିକାଦାର କାମ କରିବାକୁ ଅକ୍ଷମତା ଦେଖାଇଥିବା ଠିକାଦାରଙ୍କ ୫ଲକ୍ଷ ଟଙ୍କା ଅମାନତ ଟଙ୍କା ବ୍ୟାଜ୍ୟାପ୍ତି କରିବା କରିବା ସହ କଳାତାଲିକାଭୁକ୍ତ ପାଇଁ ମଧ୍ୟ ଟେଣ୍ଡର କମିଟି ସୁପାରିଶ କରିଛି ବୋଲି ଜିଲ୍ଲାସ୍ତରରେ ଜଣାପଡିଛି । ଏତଦ ବ୍ୟତିତ ଏଲ-୨ ଠିକାଦାରଙ୍କୁ ଏଲ-୧ ଦରରେ ଦେବା ପାଇଁ ମଧ୍ୟ ଦାବୀ ହୋଇଛି ନଚେତ ଏ ଟେଣ୍ଡର କେବଳ ଏକ ପ୍ରହସନ ହେବ ବୋଲି ମତବ୍ୟକ୍ତ ହୋଇଛି। ସୂଚନା ଯୋଗ୍ୟ ଯେ,ଟେଣ୍ଡରରେ ସାମିଲ ହୋଇ ସର୍ବନିମ୍ନ ମୂଲ୍ୟ ବଦଳରେ କାମ ପାଇଥିବା ଠିକାଦାର ପରବର୍ତ୍ତି ସମୟରେ ଟେଣ୍ଡର ପ୍ରକ୍ରିୟାରୁ ବାଦ ରହିବା ପାଇଁ ଆବେଦନ କରିଥିଲେ । ମାତ୍ର ଟେଣ୍ଡର ଚୁଡାନ୍ତ ପରେ କାମ କରିବାକୁ ଅନୁଗ୍ରହ ପ୍ରକାଶ କଲେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଛ,ତାହାକୁ ପାଳନ କରାଯାଉଛି କି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦୁଝର ଜିଲ୍ଲାରେ ଉପରୋକ୍ତ ୪ଟି ବ୍ଲକ ପାଇଁ ୨୦୨୧-୨୦୨୩ ଆର୍ଥିକ ବର୍ଷ ମନ୍ତେ ଯୋଗାଣ ସାମଗ୍ରୀ ପରିବହନ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଇଥିଲା । ୦୬/୦୭/୨୦୨୧ରେ ଟେଣ୍ଡର ଖୋଲାଯାଇଥିଲା। ସବୁଠାରୁ କମ୍ ମୂଲ୍ୟ ଧାର୍ଯ୍ୟ କରିଥିବା ଠିକାଦାର ସୁବ୍ରତ ସାହୁ ପରିବହନ ଠିକାଦାର ଭାବେ ମନୋନୀତ ହୋଇଥିଲେ। ତେବେ ଶ୍ରୀ ସାହୁ ଟେଣ୍ଡର ଚୁଡାନ୍ତ ପରେ ୦୯/୦୭/୨୦୨୧ରେ କାମ କରିବାକୁ ଅକ୍ଷମ ଦର୍ଶାଇ ନିଜର ଟେଣ୍ଡର ପେପରକୁ ପ୍ରତ୍ୟାହାର କରିଥିଲେ। ଯୋଗାଣ ବିଭାଗ ପକ୍ଷରୁ ଏଲ୍-୧ ଠିକାଦାର ଓହରି ଯିବାରୁ ଏଲ୍-୨ ହୋଇଥିବା ଅନ୍ୟ ଜଣେ ଠିକାଦାର ଈଶ୍ୱର ଚନ୍ଦ୍ର ସାହୁଙ୍କୁ ପରିବହନ ଦାୟୀତ୍ୱ ଏଲ-୧ ଦରରେ ଦେବା ପାଇଁ ଫାଇଲ ଏବେ ରାଜ୍ୟ ଯୋଗାଣ ନିଗମ ପାଖରେ ଥିବା ଜଣାପଡିଛି । ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ ଙ୍କ ସହ ଯୋଗାଯୋଗ କରିବାରୁ ଟେଣ୍ଡର କମିଟିର ଚୂଡାନ୍ତ ପ୍ରସ୍ତାବ ଅନୁଯାୟୀ ଏଲ-୧ ପରିବହନ ଠିକାଦାରଙ୍କ ଅମାନତ ଜମାରାଶି ସହ କଳାତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ଯୋଗାଣ ନିଗମକୁ ଲେଖାଯାଇଛି । ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି ।

## କେ.ସି.ସି. ବ୍ୟାଙ୍କର ନୂତନ ଶାଖା ପରିଚାଳକଙ୍କ ଯୋଗଦାନ

ଘଷିପୁରା: କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଘଷିପୁରା ଶାଖାରେ ନୂତନ ପରିଚାଳକ ଭାବେ ଜ୍ୟୋତିର୍ମୟୀ ରାଉତ ଯୋଗଦାନ କରିଛନ୍ତି । ପୂର୍ବରୁ ପରିଚାଳକ ଥିବା ନିରନ ମଲ୍ଲିକ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅପରାହ୍ନରେ ଯୋଗଦାନ କରିଛନ୍ତି । ଏହି ଅବସରରେ ଶାଖା ଅନ୍ତର୍ଗତ ଖାଳିଆମେଣ୍ଟା ସେବା ସମବାୟ ସମିତିର ସମ୍ପାଦକ ପର୍ଶୁରାମ ଜେନା, ଦେଓଗାଁ ସମ୍ପାଦକ ମାଧବ ଚରଣ ନାୟକ, ଶୈଳଙ୍ଗ ସମ୍ପାଦକ ଅଭିମନ୍ୟୁ ପତି, ଦରଡିପାଳ ସମ୍ପାଦକ ତ୍ରିଲୋଚନ ସାହୁ, କେଶଦୂରାପାଳ ସମ୍ପାଦକ ଅଶୋକ କୁମାର ଆଚାର୍ଯ୍ୟ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗରେ ଏକ ବିଦାୟୀ କାଳୀନ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଅବସର ଗ୍ରହଣ କରିବାକୁ ଯାଉଥିବା ବିଦାୟୀ ପରିଚାଳକ ନିରନ ମଲ୍ଲିକଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦେବା ସଙ୍ଗେ ସଙ୍ଗେ ତାଙ୍କର ଅବସର ସମୟ ସୁଖମୟ ପାଇଁ ପ୍ରଭୁ ଜଗନ୍ନାଥ ଏବଂ ମା'ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ପରିବର୍ତ୍ତିତ ମାର୍ଗରେ ଚାଲିବ ନୀଳାଚଳ ଏକ୍ସପ୍ରେସ୍

ଭୁବନେଶ୍ୱର: ଉତ୍ତର ରେଳପଥର ଲକ୍ଷ୍ନୌ-ରାଏ ବରେଲୀ-ପ୍ରତାପଗଡ଼-ବାରଣାସୀ ରେଳ ମାର୍ଗର ଗଙ୍ଗାଗଞ୍ଜ, ରାଏ ବରେଲୀ ଓ ରୂପମାଉ ଷ୍ଟେସନ ମଧ୍ୟରେ ଦୋହରି କାରଣ କାର୍ଯ୍ୟ ଜନିତ ରାଏ ବରେଲୀ ଠାରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୁରୀ ଓ ନୂଆ ଦିଲ୍ଲୀ ଆନନ୍ଦ ବିହାର ମଧ୍ୟରେ ଚଳାଚଳ କରୁଥିବା ନୀଳାଚଳ ବିଶେଷ ଟ୍ରେନ ସାମୟିକ ଭାବେ ମାର୍ଗ ପରିବର୍ତନ କରି ଚଳାଚଳ କରିବ ।୦୨୮୭୫/୦୨୮୭୬ ପୁରୀ - ଆନନ୍ଦ ବିହାର - ପୁରୀ ନୀଳାଚଳ ବିଶେଷ ଟ୍ରେନ ଉଭୟ ପୁରୀ ଓ ଆନନ୍ଦ ବିହାର ପାର୍ଶ୍ୱରୁ ଅଗଷ୍ଟ ମାସ ୩୧ ତାରିଖ, ସେପ୍ଟେମ୍ବର ମାସ ୩, ୫, ୭,୧୦ ଏବଂ ୧୨ ତାରିଖ ଦିନ ଅମେଥି, ଗୌରୀ ଗଞ୍ଜ ଓ ରାଏ ବରେଲୀ ଷ୍ଟେସନ ରେ ରହଣି ନକରି ପରିବର୍ତିତ ମାର୍ଗ ପ୍ରତାପଗଡ଼-ସୁଲତାନପୁର-ଲକ୍ଷ୍ନୌ ମାର୍ଗ ହୋଇ ଚଳାଚଳ କରିବ ।

# ସେପ୍ଟେମ୍ବର ୬ ରେ ହେବ ହାବିଲଦାର,କନେଷ୍ଟବଳ ସଂଘ ନିର୍ବାଚନ



କେନ୍ଦୁଝର: ଓଡିଶା ପୋଲିସ ହାବିଲଦାର, କନେଷ୍ଟବଳ ସଂଘ କେନ୍ଦୁଝର ଶାଖାର ର ନିର୍ବାଚନ ଆସନ୍ତା ସେପ୍ଟେମ୍ବର ୬ ତାରିଖ ଅନୁଷ୍ଠିତ ହେବ ବୋଲି ବିଧିବଦ୍ଧ ଭାବେ ଜଣାପଡିଛି। ଜିଲ୍ଲାର ୨୪ଟି ଥାନା ସମେତ ଶୁଆକାଟି ଏବଂ ବାଂଶପାଳ ଫାଣ୍ଡିରେ ନିର୍ବାଚନ ହେବ ବୋଲି ଜଣାପଡିଛି। କେନ୍ଦୁଝର ଜିଲ୍ଲାର ୨୫ଜଣ କ୍ରାଇମ ହାବିଲଦାର,୭୪ଜଣ ହାବିଲଦାର, ୧୫ ଜଣ ଲାନ୍ସନାଏକ,୪୫୦ଜଣ ଓଆର କନେଷ୍ଟବଳ,୨୯୦ଜଣ ଏପିଆର ଏବଂ ୫୪ଜଣ ଡ୍ରାଇଭର କୁ ମିଶାଇ ମୋଟ ୯୦୮ଜଣ ଏହି ନିର୍ବାଚନରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। କୋଭିଡ-୧୯ ତୃତୀୟ ଲହର କୁ ଆଖିଆଗରେ ରଖି କୌଣସି ରାଲି ଏବଂ ମିଟିଂ କୁ ବାରଣ କରାଯାଇଛି। କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ସଂପାଦନ କରୁଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଉପଖଣ୍ଡ ପୋଲିସ ଅଧିକାରୀ ଏବଂ ବିଭିନ୍ନ ଥାନାର ଅଧିକାରୀମାନେ ତାଙ୍କୁ ସହାୟତା କରିବେ ବୋଲି ଜଣାପଡିଛି। ଏହିମର୍ମରେ ସମସ୍ତ ଥାନା ଏବଂ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ପୋଲିସ କର୍ମଚାରୀମାନଙ୍କ ନିୟୋଜିତ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧ ତାରିଖ ସକାଳ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ। ସେହିଦିନ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ସେପ୍ଟେମ୍ବର ୨ତାରିଖ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାର କାର୍ଯ୍ୟକ୍ରମ ରହିଛି। ସେପ୍ଟେମ୍ବର ୩ ତାରିଖ ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ସେପ୍ଟେମ୍ବର ୪ତାରିଖ ଦିନ ବାଲାଟ ପେପର ଛାପା କାର୍ଯ୍ୟ ଏବଂ ୫ତାରିଖ ଦିନ ବିଭିନ୍ନ ଥାନା ଏବଂ ଫାଣ୍ଡିକୁ ଏହି ବାଲାଟ ପେପର ପ୍ରେରଣ କରାଯିବ। ସେପ୍ଟେମ୍ବର ୬ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଉକ୍ତ ଦିନ ଭୋଟ ଗ୍ରହଣ ପରେ ସମସ୍ତ ସିଲ ହୋଇଥିବା ଭୋଟ ବାକ୍ସଗୁଡିକ ଏବଂ ବ୍ୟବହାର ହୋଇନଥିବା ବାଲାଟ ପେପର କେନ୍ଦୁଝର ରିଜର୍ଭ ପୋଲିସକୁ ଅଣାଯିବ। ଏହାପରେ ସେପ୍ଟେମ୍ବର ୭ତାରିଖ ଦିନ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ସେପ୍ଟେମ୍ବର ୮ତାରିଖ ଦିନ ନୂତନ କର୍ମକର୍ତ୍ତା ଶପଥ ନେବେ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# ଘଷିପୁରା ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ ମାରିବା ଘଟଣାରେ ଗିରଫ ହେଲେ ସରପଞ୍ଚଙ୍କ ସ୍ୱାମୀ

କେନ୍ଦୁଝର:(ପି.ଏନ୍.):ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ପିଇଓଙ୍କୁ ଗତ ୧୭ତାରିଖ ମଙ୍ଗଳବାର ଦିନ ବ୍ଲକ ପରିସରରେ ଖାଳିଆମେଣ୍ଟା ସରପଂଚଙ୍କ ସ୍ୱାମୀ ମାଡ ମାରିବା ପ୍ରତିବାଦରେ ୧୮ତାରିଖ ବୁଧବାର ଦିନ ଘଷପୁରା ପିଇଓ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳ କରାଯିବା ସହ ଧାରଣା ଦିଆଯାଇଥିବା ଜଣାଯାଇଛି । ଖବର ନେବାରୁ ଜଣାଯାଏ ଘଷିପୁରା ବ୍ଲକ ପଂଚାୟତ କାର୍ଯ୍ୟ ନର୍ବାହୀ ଅଧିକାରୀ ରାମଚନ୍ଦ୍ର ନାୟକ ମଙ୍ଗଳବାର ଦିନ ଘଷିପୁରା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ଅପରାହ୍ନରେ ଖାଳିଆମେଣ୍ଟା ସରପଂଚଙ୍କ ସ୍ୱାମୀ ସୁରେନ୍ଦ୍ର କୁମାର ଭୂୟାଁ କାର୍ଯ୍ୟାଳୟରେ ପହଂଚି ଗ୍ରାମୀଣ ଆବାସ ଯୋଜନାର ତଦନ୍ତକୁ ନେଇ କ୍ରୋଧାନ୍ୱିତ ହୋଇ ପିଇଓ ରାମଚନ୍ଦ୍ର ନାଏକଙ୍କୁ ମାଡ ମାରି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଓଡିଶା ପଂଚାୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଘ କାର୍ଯ୍ୟାଳୟ ଘଷିପୁରା ଶାଖା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଲମ ଛାଡ ଆନ୍ଦୋଳନ କରାଯାଇ ଥିବାବେଳେ ବ୍ଲକର ସମସ୍ତ ପିଇଓ ଧାରଣାରେ ବସିଥିଲେ । ପିଇଓ ରାମଚନ୍ଦ୍ର ନାୟକଙ୍କ ପକ୍ଷରୁ ଗତ ୧୭ତାରିଖ ମଧ୍ୟ ରାତ୍ରରେ ଘଷିପୁରା ଥାନାରେ ସରପଂଚଙ୍କ ସ୍ୱାମୀ ସୁରେନ୍ଦ୍ର କୁମାର ଭୂୟାଁଙ୍କ ନାମରେ ମାଡ ମାରିବା ଘଟଣା ନେଇ ଏକ ଲିଖିତ ଅଭିଯୋଗ ଦିଆଯାଇଥିଲା । ସରପଂଚଙ୍କ ସ୍ୱାମୀ ଶାସକ ଦଳର ଜଣେ ଆଗଧାଡିର ନେତା ହୋଇଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପୋଲିସ୍ ପଛଘୁଞ୍ଚା ଦେଉଥିବା ସାଧାରଣରେ ଆଲୋଚନା ହେଉଛି । ଯାହାକି ସମସ୍ତ କାର୍ଯ୍ୟରତ ପିଇଓଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ ଘଷିପୁରା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅସିତ୍ କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ଏକକିତା ନକଲ ନିଷ୍କଳ ଓଡିଶା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ କେନ୍ଦୁଝର ଶାଖାଙ୍କ ନିକଟକୁ ପଠା ଯାଇଥିବା ଜଣାଯାଇଛି । ମହିଳା ମାନଙ୍କୁ ସଶକ୍ତିକରଣ କରିବା ନେଇ ରାଜ୍ୟ ସରକାର ବ୍ଲକ, ପୌରପରିଷଦ, ମହାନଗର ନିଗମ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଦେଉଥିବା ବେଳେ କିଛି ନିର୍ବାଚିତ ମହିଳାଙ୍କ ସ୍ୱାମୀମାନେ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାରୁ ବିଭିନ୍ନ ସମୟରେ ଏଭଳି ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି । ଘଷିପୁରା ବ୍ଲକରେ କାର୍ଯ୍ୟରତ ପିଇଓଙ୍କ ସୁରକ୍ଷା ନେଇ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି । ଉକ୍ତ ଘଟଣାରେ ପିଇଓ ରାମଚନ୍ଦ୍ର ନାୟକଙ୍କ ଅଭିଯୋଗ କ୍ରମେ ଗତକାଲି ବିଳମ୍ବିତ ରାତିରେ ସୁରେନ୍ଦ୍ର ଭୂୟାଁଙ୍କୁ ଘଷିପୁରା ପୋଲିସ୍ ଗିରଫ କରିଥିବା ବେଳେ ତାଙ୍କ ଘରୁ ଦୁଇଟି ଗାଡି ଜବତ କରିଥିବା ବେଳେ ଏହି ଘଟଣାରେ ସୁରେନ୍ଦ୍ର ଭୂୟାଁଙ୍କ ସହ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ଘଷିପୁରା ବିଜେପି ପ୍ରାର୍ଥୀ ପୃଥୀରାଜ କୁଅଁରଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଟିମ୍ ଡିଜିପିଙ୍କୁ ଭେଟିଥିଲେ । ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସରପଂଚଙ୍କ ସ୍ୱାମୀ ଓ ତାଙ୍କ ସହିତ କିଛି ବ୍ୟକ୍ତି ପିଇଓଙ୍କୁ ବାଧ କରିଥିଲେ । ଏ ନେଇ ଆଜି ଆନନ୍ଦପୁର ଏସ୍‌ଡିପିଓ ଅନିଲ ବେଉରିଆ ଏକ ସାମ୍ବାଦିକ ସମ୍ମିଳନୀ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିକ୍ରିୟା ଦେଇଛନ୍ତି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଳାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍କ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଠକ୍ତଙ୍କକ୍ଟଗ୍ସ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।



# ମୋ ଓଡ଼ିଶା

## ସଙ୍କଟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ଲକ୍ଷ୍ୟ



ଦେଶର ସଂଖ୍ୟାଧିକ ଲୋକ ଏବେ ଗ୍ରାମାଞ୍ଚଳଗୁଡିକରେ ରହୁଛନ୍ତି । ସେମାନଙ୍କ ଦୈନନ୍ଦିନ ଜୀବନର ବିକାଶ ପାଇଁ ୨୧ବର୍ଷ ପୂର୍ବେ ଅଟଳ ବିହାରୀ ବାଜପେୟୀଙ୍କ ପରିକଳ୍ପନା ଅନୁଯାୟୀ ଯେଉଁ ଯୋଜନା ଗ୍ରାମକୁ ମୁଖ୍ୟଧାରା ସହ ଯୋଡିବା ଲାଗି ଆରମ୍ଭ ହୋଇଥିଲା,ତାହା ଥିଲା ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା । ଏହି ଯୋଜନାରେ ଗ୍ରାମକୁ ସବୁଦିନିଆ ଢଳେଇରାସ୍ତା ସହ ଯୋଡିବାକୁ ଏକ ସୁଦୂର ପ୍ରସାରୀ ଲକ୍ଷ୍ୟ ଶ୍ରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଦେଖିପାରିଥିଲେ । ଦେଶ ସ୍ୱାଧୀନ ହେବାର ପ୍ରଥମ ପଚାଶବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ଯେତିକି ସଡକ ହୋଇନଥିଲା ତା'ଠୁ ଢେର ଅଧିକ ଉନ୍ନତମାନର ସଡକ ଗତ ୨୧ବର୍ଷ ମଧ୍ୟରେ ନିର୍ମିତ ହୋଇଛି । ଏହି ଯୋଜନାରେ ଅନେକ ଅପହଞ୍ଚ ଇଲାକାକୁ ମୁଖ୍ୟଧାରା ସହ ଯୋଡାଯାଇ ପାରିଛି । ଦେଶର ଅନେକ ରାଜ୍ୟରେ ଗତ ଦୁଇଦଶନ୍ଧି ମଧ୍ୟରେ ଏହି ସଡକ ଯୋଜନା ଗ୍ରାମାଞ୍ଚଳର ରୂପକୁ ବଦଳାଇ ଦେଇଛି । ସବୁଦିନିଆ ସଡକ ହେବା ଯୋଗୁ ଗରିଚକିଆଠାରୁ ଆରମ୍ଭ କରି ବଡ ବଡ ଗାଡି ମଧ୍ୟ ଆଜି ଗ୍ରାମାଞ୍ଚଳକୁ ଯାଇପାରୁଛି । ଲୋକଙ୍କ ପାଇଁ ସବୁଦିନିଆ ସଡକ ହେବାରୁ ସବୁ ସମୟରେ ଯାତାୟାତ ସମ୍ଭବପର ହୋଇପାରିଛି । ସଡକ ପାଇଁ ଟେକ୍ନୋଲୋଜି ଗ୍ରାମଗୁଡିକରେ ପହଞ୍ଚିପାରିଛି । ସହରାଞ୍ଚଳରେ ରହୁଥିବା ଲୋକଙ୍କ ପରି ଗ୍ରାମାଞ୍ଚଳର ଲୋକେ ସମସ୍ତ ପ୍ରକାର ଆଧୁନିକ ସେବା ସହ ଚିକିତ୍ସା ସେବା ପାଇବା ସମ୍ଭବ ହୋଇପାରୁଛି । ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା ରୋଗୀଙ୍କ ଘରକୁ ଯାଇପାରୁଛି । ବ୍ୟବସାୟ, ବାଣିଜ୍ୟ, ସହରାଞ୍ଚଳସହ ସଂପର୍କ, ବାହାରକୁ ଯିବାଆସିବା ଏବେ ସୁବିଧାଜନକ ହୋଇଛି । ପିଲାମାନେ ସ୍କୁଲ କଲେଜକୁ ଯିବା କେବଳ ସୁବିଧା ହୋଇନାହିଁ, ସହରାଞ୍ଚଳପରି ସ୍କୁଲର ଗାଡିଗୁଡିକ ଏବେ ଗ୍ରାମାଞ୍ଚଳରୁ ପିଲାମାନଙ୍କୁ ସ୍କୁଲକୁ ଆଣିପାରୁଛି ।

ଏହି ସଡକ ନିର୍ମାଣ କ୍ଷେତ୍ରରେ ଓଡିଶା ଦେଶରେ ୨୦୧୭-୧୮ରେ ଶ୍ରେଷ୍ଠସ୍ଥାନ ଲାଭ କରିଥିଲା । କିନ୍ତୁ ୨୦୧୯-୨୦ବେଳକୁ ରାଜ୍ୟ ଏ କ୍ଷେତ୍ରରେ ବହୁତ ପଛରେ ପଡିଥିବାର ଜଣାଯାଇଛି । ଏହି ଯୋଜନାରୁ ପୂର୍ବ ଏବଂ ଉତ୍ତର ଓଡିଶା ଯେତିକି ସୁବିଧା ନେଇଛନ୍ତି ସେମିତି ସୁବିଧା ପଶ୍ଚିମ ଏବଂ ଦକ୍ଷିଣ ଓଡିଶା ଆଜି ପର୍ଯ୍ୟନ୍ତ ନେଇପାରିନାହାନ୍ତି । ୨୦୧୯ ସୁଦ୍ଧା ରାଜ୍ୟର ୧୮,୫୪୮ ଗ୍ରାମକୁ କଂକ୍ରିଟର ସଡକ ଏହି ଯୋଜନାରେ ନିର୍ମିତ ହୋଇଥିଲା ବେଳେ ୨୦୨୨ସୁଦ୍ଧା ଲକ୍ଷ୍ୟ ଥିଲା ୨୨,୨୧୧ଟି ଗ୍ରାମକୁ ଯୋଡିବା । ହେଲେ ବର୍ତ୍ତମାନ ସୁଦ୍ଧା ୩୮୯୯ ଗ୍ରାମକୁ ଏହି ସଡକ ଯୋଜନା ପହଞ୍ଚିପାରିନାହିଁ । ତେଣୁ ୩୮୬୩ଟି ନିର୍ଦ୍ଧାରିତ ଗ୍ରାମକୁ ସମୟାବଧି ମଧ୍ୟରେ ସଡକ ଯୋଡିବା କାର୍ଯ୍ୟ ସହଜ ହେବନାହିଁ । ୨୦୧୯-୨୦ରେ ୧୦୯୮ଟି ଗ୍ରାମକୁ ସବୁଦିନିଆ ସଡକ ଏହି ଯୋଜନାରେ ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ଥିଲେ ମଧ୍ୟ ତାହା ସମ୍ଭବ ହେବାପରି ଜଣାଯାଇନାହିଁ । ଏଭଳି ଓଲଟଗତି ଯୋଗୁ ଦେଶର ୧୦ରାଜ୍ୟ ମଧ୍ୟରୁ ତଳୁ ୬ଷ୍ଠ ସ୍ଥାନରେ ରହିଛି ଓଡିଶା । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫,୬୬୪.୪କିଲୋମିଟର ସଡକ ନିର୍ମାଣ କାର୍ଯ୍ୟ ସରିଛି । ୨୦୧୫-୧୬ରେ ଦେଶରେ ସଡକ ନିର୍ମାଣ ହାର ଦୈନିକ ୯୧କିଲୋମିଟର ।ଥିଲାବେଳେ ରାଜ୍ୟରେ ଥିଲା ମାତ୍ର ୧୨ କିଲୋମିଟର । ୨୦୧୬-୧୭ରେ ରାଜ୍ୟରେ ୭,୦୪୩ କି.ମି. ସଡକ ନିର୍ମାଣ ହେବା ଯୋଗୁ ସେହିବର୍ଷ ରାଜ୍ୟ ଦେଶରେ ଅଗ୍ରଣୀ ରହିଥିଲା । ୨୦୧୭-୧୮ରେ ଏହି ଗତି ୭୧୭୬କି.ମିକୁ ଧରିବା ଯୋଗୁ ଦେଶରେ ପ୍ରଥମ ସ୍ଥାନ ଲାଭ କରି ମଧ୍ୟ ପୁରସ୍କୃତ ହୋଇଥିଲା । କିନ୍ତୁ ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ ହାସଲରେ ବିଳମ୍ବ ଯୋଗୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍ଷ୍ୟ ହାସଲ ବିଳମ୍ବ ହେବା ନିଶ୍ଚିତ । କେନ୍ଦ୍ର ସରକାର ଏବେ ଏହାର ୩ୟ ପର୍ଯ୍ୟାୟ ବ୍ୟୟ ବରାଦ କରି ସଫଳ ରାଜ୍ୟଗୁଡିକୁ ଯେଉଁ ୫ପ୍ରତିଶତ ଅଧିକ ପ୍ରୋତ୍ସାହନ ଅର୍ଥ ଦେବାକୁ ଘୋଷଣା କରିଛନ୍ତି ତାହା ଓଡିଶା ପାଇପାରିବ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୦୦ରୁ ୨୦୧୫ପର୍ଯ୍ୟନ୍ତ ୧୦୦ପ୍ରତିଶତ ଅର୍ଥ ଏହି ଯୋଜନାରେ ପ୍ରଦାନ କରୁଥିଲା ବେଳେ ୨୦୧୫-୧୬ରୁ କେନ୍ଦ୍ର-ରାଜ୍ୟ ଅନୁଦାନ ୬୦.୪୦ଅନୁପାତ କରାଯାଇଛି । ଏହିପରି ଯଦି ଧୀମା ନିର୍ମାଣ ଚାଲୁରହେ ତେବେ ଅବଶିଷ୍ଟ ୧୦,୫୦୦ ଗ୍ରାମକୁ ସଡକ ନିର୍ମାଣ ପାଇଁ କେତେ ବର୍ଷ ଲାଗିବ ତାହା କୁହାଯାଇ ପାରିବନାହିଁ । ରାଜ୍ୟ ସରକାର ଲକ୍ଷ୍ୟ ହାସଲ ପାଇଁ ଏବେଠୁ ସେଥିପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି କାର୍ଯ୍ୟକୁ ଦ୍ରୁତତର କରିବାକୁ ପ୍ରୟାସ କରିବା ଜରୁରୀ ହୋଇ ପଡିଲାଣି ।

**ସୌମେନ୍ଦ୍ର ଜେନା,** ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ଅନଶନରତ ଶ୍ରୀକାନ୍ତଙ୍କୁ ଭେଟିଲେ ଜଳମାନବ ରାଜେନ୍ଦ୍ର ସିଂ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥାଇ ଅନଶନରତ ଥିବା ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକଙ୍କୁ ଡାକ୍ତରଖାନାରେ ଭେଟିଥିଲେ ଜଳମାନବ ରୂପେ ସାରାଦେଶରେ ପରିଚିତ ରାଜେନ୍ଦ୍ର ସିଂ । ଶ୍ରୀ ସିଂଙ୍କ ସହିତ ସୁଦର୍ଶନ ଦାସ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ମଧ୍ୟ ଶ୍ରୀକାନ୍ତଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଜଳମାନବ ଶ୍ରୀ ସିଂ ଗଣମାଧ୍ୟମକୁ କହିଛନ୍ତି ଯେ ଖରସ୍ରୋତା ନଦୀ ଜଳ ପ୍ରକଳ୍ପ ବିରୋଧରେ ଚାଲିଥିବା ଆନ୍ଦୋଳନକୁ ସେ ସମର୍ଥନ କରୁଛନ୍ତି । ଭଦ୍ରକ ଜିଲ୍ଲାର ଲୋକଙ୍କୁ ପାଣି ଯୋଗାଇ ଦେବାକୁ ସେ ବିରୋଧ କରୁନାହାନ୍ତି । କିନ୍ତୁ ଏକ କମ୍ପାନୀ ଧୋକା ଦେଇ ଘରେ ନଳ ଲଗାଇ ନଳରେ ଜଳ ଦେବାକୁ କହୁଛି । ସେହି କମ୍ପାନୀ ତାର ବନ୍ଦରକୁ ପାଣି ନେବାକୁ ଚାହୁଁଛି । ସେହି କମ୍ପାନୀର ଧୋକାକୁ ଆମେ ବୁଝିପାରିଛୁ । ତେଣୁ ଆମେ ଏହି ଆନ୍ଦୋଳନରେ ଓଡିଶାର ଆନ୍ଦୋଳନରତ ଲୋକମାନଙ୍କୁ ସମର୍ଥନ କରୁଛୁ । ପ୍ରଶାସନ ଯେପରି ଭାବରେ ଆନ୍ଦୋଳନରତ ଲୋକଙ୍କ ଉପରେ ପୋଲିସ ଫୋର୍ସ ଲଗାଇ ଅତ୍ୟାଚାର କରିବା ସହ ମିଥ୍ୟା ମାମଲା କରୁଛି ଆମେ ତାକୁ ବିରୋଧ କରିବା ସହ ଲୋକଙ୍କ ନାର୍ଯ୍ୟ ଅଧିକାର ପାଇଁ ଲଢେଇକୁ ପୂର୍ଣ୍ଣ ସମର୍ଥନ କରୁଛୁ । ଭିତରକନିକାର ଜଙ୍ଗଲ, ଜଙ୍ଗଲର ପଶୁ ଏବଂ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ବହୁଦିନ ଧରି ଶ୍ରୀକାନ୍ତ ଅନଶନ କରି ଆସିଛନ୍ତି । ଏକ ସମ୍ବେଦନଶୀଳ ସରକାର ତୁରନ୍ତ ଅନଶନରତ ଶ୍ରୀକାନ୍ତଙ୍କ ସହ ଆଲୋଚନା କରିବା ଉଚିତ ଥିଲା । ମୁଁ ଭାବୁଥିଲି ଓଡିଶା ସରକାର ଏକ ସମ୍ବେଦନଶୀଳ ସରକାର ବୋଲି । କିନ୍ତୁ ସରକାର ଉଦାସୀନ ହେବା ଅତ୍ୟନ୍ତ ଦୁଃଖଦାୟକ ଘଟଣା । ମୁଁ ଏହି ଆନ୍ଦୋଳନରେ ଶ୍ରୀକାନ୍ତ ସହିତ ଅଛି । ଶ୍ରୀକାନ୍ତଙ୍କୁ ଶ୍ରୀ ସିଂ ଅନଶନ ଭାଙ୍ଗିବାକୁ ଅନୁରୋଧ କରିଥିଲେବି ଶ୍ରୀକାନ୍ତ ଅନଶନ ଭାଙ୍ଗିବାକୁ ରାଜି ହୋଇନଥିଲେ । ଏହାପରେ ଜଳମାନବ ଶ୍ରୀ ସିଂ ଖରସ୍ରୋତା ପ୍ରକଳ୍ପ ସ୍ଥଳକୁ ଯାଇଥିଲେ ।

## ମନ୍ଦିର ଜାଗାରେ ସରକାରୀ ବାସଭବନ ନିର୍ମାଣକୁ ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହର ୨୧ ନଂ. ୱାର୍ଡର କଜଳା ଗ୍ରାମରେ ଥିବାମନ୍ଦିର ଜମିରେ ସରକାରୀ ବାସ ଭବନ ନିର୍ମାଣକୁ ବିରୋଧ କରିଛନ୍ତି ଅନୁସୂଚିତ ଜନଜାତି ବର୍ଗର ଲୋକମାନେ । ଯୁବନେତା ମହେଶ ପାଢୀଙ୍କ ନେତୃତ୍ୱରେ ୫୦ରୁ ଅଧିକ ପୁରୁଷ ଓ ମହିଳା ଏହାକୁ ବିରୋଧ କରି ଧାରଣାରେ ବସିରହିଥିଲେ । ଏହି ଅଞ୍ଚଳରେ ସରକାରୀ ବାସଭବନ ନିର୍ମାଣ କରିବା ପାଇଁ କେନ୍ଦ୍ରାପଡା ବିଡିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ । ଏହା ଜାଣିବା ପରେ ଅନୁସୂଚିତ ଜନଜାତି ସଂପ୍ରଦାୟର ଲୋକମାନେ ଯୁବନେତା ମହେଶ ପାଢୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏହାପରେ ଶ୍ରୀ ପାଢୀ ସେଠାରେ ପହଞ୍ଚି ସରକାରୀ ଅଧିକାରୀଙ୍କୁ ବିରୋଧ କରିବା ସହ ସେଠାରେ ଧାରଣା ଦେଇଥିଲେ । ସରକାରୀ ଅଧିକାରୀମାନେ କହିଥିଲେ ଯେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଏଠାରେ ସରକାରୀ ବାସଭବନ ନିର୍ମାଣ ହେବ । ସେଥିପାଇଁ ଆମେ ଘଟଣା ସ୍ଥଳକୁ ପରିଦର୍ଶନରେ ଆସିଛୁ ।

## ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ



ଆଲ୍‌ଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ । ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲ୍‌ଫ୍ରେଡଙ୍କର । ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ । ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ । ଇମାନୁଏଲ୍‌ଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ । ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ । ଆଧୁନିକ ପ୍ଲାଇଉଡ୍ ମଧ୍ୟ ସେ ପ୍ରସ୍ତୁତ କରିଥିଲେ । ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲ୍‌ଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ । ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ, ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ । ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ପର୍ଶକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା । ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା । ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା । ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା । ସେ ପାଲଟିଗଲେ ବିଶ୍ୱପତି । ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟଦା ସ୍ୱରୂପ ଅଟେ । ଏମିତି ଏକ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା । ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ୍ୟ ଖୁବ୍ ସମ୍ବେଦନଶୀଳ । ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା । ଘଟଣାଟି ୧୮୮୮ ମସିହାର । ଆଲ୍‌ଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ । ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ୍‌ଭିଗ୍‌ଙ୍କ ବଦଳରେ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ । ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲ୍‌ଫ୍ରେଡ୍ ଚିନ୍ତା କଲେ କ'ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି ? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ ? ଶୋକସମ୍ବାଦର ଶିରୋନାମା ଥିଲା 'ମୃତ୍ୟୁର ସୌଦାଗର ମୃତ' । ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା । ଲେଖାଯାଇଥିଲା - ଡଃ ଆଲ୍‌ଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି । ପତ୍ନୀ ଓ ସନ୍ତାନ ନଥିବା ଆଲ୍‌ଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ । ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା । ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଲବ ଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ । ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା । ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ । ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା । ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜ ଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ । ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି । ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଆମ ଦେଶରୁ ସର୍ବପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି । ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି । ଏହା ବ୍ୟତୀତ ଡ. ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟସେନ (ଅର୍ଥନୀତି) ଏବଂ ମଦରଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି । ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ । ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ହଜରତ ମନସୁର ସାହା ବାବାଙ୍କ ଉର୍ସ ଉତ୍ସବ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): ପୁରୁଣା ଅଦାଲତ ସନ୍ନିକଟ ହଜରତ ମନସୁର ସାହା ବାବାଙ୍କ ଉର୍ସ ଉତ୍ସବ ପାଳିତ ହୋଇଯାଇଛି । ଦୁଇବର୍ଷ ଧରି କରୋନା ମହାମାରୀ ଲାଗି ରହିଥିବାରୁ ଏହି ଉତ୍ସବ ଅବସରରେ କୌଣସି ଧର୍ମସଭା ଅନୁଷ୍ଠିତ ନହୋଇ କେବଳ କୋଭିଡ କଟକଣା ଅନୁପାଳନ ପୂର୍ବକ ଏହି ଉତ୍ସବ ପାଳିତ ହୋଇଆସୁଛି । ଉତ୍ସବ ଅବସରରେ ଜିଲ୍ଲା ବାହାରୁ ଏବଂ ଜିଲ୍ଲା ଭିତରର ବିଭିନ୍ନ ସ୍ଥାନରୁ ବହୁ ଲୋକ ବାବାଙ୍କ ଏହି ଉତ୍ସବରେ ସାମିଲ ହୋଇ ଚଦର ଏବଂ ଫୁଲମାଳ ଚଢାଇଥିଲେ । ଏହି କାର୍ଯ୍ୟକ୍ରମକୁ ସେକ ମେହେମୁଦ, ସେକ ଇଜାଜୁଲ୍ଲା,ସେକ କୟୁମ, ସେକ ଆବାଦି, ହାଜି ସେକ ସଲାଉଦ୍ଦିନ, ସେକ ଗୟାସୁଦ୍ଦିନ ବଲବନ, ସେକ ନାଜି ପ୍ରମୁଖ ପରିଚାଳନା କରିଥିଲେ ।

## ଶ୍ରୀବଳଦେବଜୀଉଙ୍କ ଟ୍ରଷ୍ଟବୋର୍ଡ ପୁନର୍ଗଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଟ୍ରଷ୍ଟ ବୋର୍ଡକୁ ପୁନର୍ଗଠନ କରାଯାଇଛି । ଏହି ବୋର୍ଡରେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟ୍ରଷ୍ଟର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ରଞ୍ଜନ କୁମାର ପୃଷ୍ଟି ଏବଂ ସେବକ ବଳରାମ ସୁଆରଙ୍କୁ ଟ୍ରଷ୍ଟର ସଦସ୍ୟ ଭାବରେ ମନୋନିତ କରାଯାଇଛି । ନୂତନ ଟ୍ରଷ୍ଟବୋର୍ଡର ପ୍ରଥମ ବୈଠକ ସେପ୍ଟେମ୍ବର ମାସ ୧ ତାରିଖରେ ଅନୁଷ୍ଠିତ ହୋଇ ଟ୍ରଷ୍ଟବୋର୍ଡର ସଭାପତିଙ୍କୁ ଚୟନ କରାଯାଇଥିବା ସୂଚନା ମିଳିଛି ।

## କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ ଓ ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ଭେଟି କେନ୍ଦ୍ରାପଡାରେ ଏକ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ନିମନ୍ତେ ଏକ ପ୍ରସ୍ତାବ ପଞ୍ଚାୟତ ସମିତିରେ ଗୃହିତ କରାଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପଠାଇବାକୁ ନିବେଦନ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲା ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳକୁ ନେଇ ଗଠିତ ହୋଇଥିବା ବେଳେ ୨୪୯ଟି ଗ୍ରାମପଞ୍ଚାୟତର ୧୫୯୨ଟି ରାଜସ୍ୱ ଗ୍ରାମରେ ୧୫ଲକ୍ଷ ଲୋକ ବାସକରନ୍ତି । ଏହି ଜିଲ୍ଲାରେ ମହାନଦୀ ଓ ବ୍ରାହ୍ମଣୀ ଦୁଇ ନଦୀ ପ୍ରବାହିତ । ଯାହାଫଳରେ ଅନେକ ଅଞ୍ଚଳରେ ଗମନାଗମନରେ ସମସ୍ୟା ଉପୁଜିଥାଏ । ଏହି ଜିଲ୍ଲା ଦେଇ ୫ନମ୍ବର(କ) ଜାତୀୟ ରାଜପଥ ଯାଇଥିବା ବେଳେ ସେହି ରାଜପଥରେ ଦୈନିକ ଦୁର୍ଘଟଣାମାନ ଘଟିଥାଏ । ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆମକୁ କଟକ ବଡ ଡାକ୍ତରଖାନା କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡିଥାଏ । ଗୁରୁତର ରୋଗୀଟିକୁ ଏଠାରୁ କଟକ କିମ୍ବା ଭୁବନେଶ୍ୱର ନେବା ବେଳେ ଅନେକ ସମୟରେ ବାଟରେ ତାର ମୃତ୍ୟୁ ହୋଇଯାଇଥାଏ । ଏହି ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ୯ଟି ଗୋଷ୍ଠି ଓ ୪୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । କିନ୍ତୁ ସେହିସବୁ ଡାକ୍ତରଖାନାରେ ଆବଶ୍ୟକତା ଠାରୁ ଯଥେଷ୍ଟ କମ ସଂଖ୍ୟକ ଡାକ୍ତର ଥିବାରୁ ରୋଗୀମାନେ ଉପଯୁକ୍ତ ସେବା ପାଇପାରନ୍ତି ନାହିଁ । ରାଜ୍ୟରେ ପୂର୍ବରୁ ୩ଟି ମେଡିକାଲ କଲେଜ ଥିବାବେଳେ ତାହା ଏବେ ୧୦ଟିକୁ ବୃଦ୍ଧି ପାଇସାରିଛି । ତେଣୁ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ନିମନ୍ତେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପଞ୍ଚାୟତ ସମିତି ସମେତ ବ୍ଲକର ୨୭ଟି ଗ୍ରାମପଞ୍ଚାୟତରେ ଏସମ୍ପର୍କରେ ଏକ ପ୍ରସ୍ତାବ ଗୃହିତ କରାଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପଠାଇବାକୁ କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ଅଧ୍ୟାପକ ଅଜୟ ସାମଲ, ଭଜକୃଷ୍ଣ ରାଉତ, ଫକିର ଚରଣ ଖଟୁଆ, ପ୍ରଫୁଲ୍ଲ କୁମାର ଦାସ, ଆଦିକନ୍ଦ ରାଉଳ, ପ୍ରଦ୍ୟୁମ୍ନ କୁମାର ଜେନା, ଅମୀୟ କୁମାର ନାୟକ ପ୍ରମୁଖ ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କୁ ନିବେଦନ କରିଥିଲେ ।

## ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କୁ ସାକ୍ଷାତ କଲେ ସଲିମ



କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ଉପସଭାପତି ମହମ୍ମଦ ସଲିମ ଖାନ ଦିଲ୍ଲୀ ଗସ୍ତକରି ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତକରି ବିଭିନ୍ନ ରାଜନୈତିକ ଓ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ବିଶେଷ ଭାବରେ ଆଗାମୀ ପୌର ନିର୍ବାଚନ ସମ୍ପର୍କରେ ସଲିମ ଶ୍ରୀ ପଣ୍ଡାଙ୍କ ସହିତ ଆଲୋଚନା କରିଛନ୍ତି । ଏଥିସହିତ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଓ ରାଜକନିକା ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀ ଜଳ ପ୍ରକଳ୍ପକୁ ନେଇ ଉପୁଜିଥିବା ଜନଆନ୍ଦୋଳନ ସମ୍ପର୍କରେ ମଧ୍ୟ ସଲିମ ଶ୍ରୀ ପଣ୍ଡାଙ୍କୁ ଅବଗତ କରାଇଛନ୍ତି । ଗତ ୨୦୧୬ ମସିହାରୁ କେନ୍ଦ୍ରାପଡା ପୌର ପରିଷଦର ନିର୍ବାଚନ ହୋଇ ନ ଥିବାରୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ବିଭିନ୍ନ ବାଧା ଉପୁଜୁଥିବା ସମ୍ପର୍କରେ ସଲିମ ଉପାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କୁ ଜଣାଇଛନ୍ତି । ସେହିପରି ସଲିମ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ମଣିପୁର ରାଜ୍ୟର ପ୍ରଭାରୀ ଡଃ. ସମ୍ବିତ ପାତ୍ରଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ଦଳୀୟ ସାଂଗଠନିକ ବିଷୟରେ ଆଲୋଚନା କରିଛନ୍ତି ।




# ୨୦ ବର୍ଷଧରି ସ୍କୁଲର ଶୋଭାମଣ୍ଡନ କରୁଥିବା କୃଷ୍ଣଚୂଡା ଗଛକୁ ହାଣି ପକାଇଲେ

ଝୁମ୍ପୁରା: ଗଛ ଆମର ବନ୍ଧୁ , ଗଛ ହିଁ ଜୀବନ ଏହାକୁ ଭିତିକରି କେନ୍ଦ୍ର ଓ ରାଜ୍ୟ ସରକାର ବନୀକରଣ ଉପରେ ଗୁରୁତ୍ୱ ଦେଇ ରାଜକୋଷରୁ ଖର୍ଚ୍ଚ କରଛନ୍ତି କୋଟି କୋଟି ଟଙ୍କା । ଅନ୍ୟପଟରେ ସ୍କୁଲ କର୍ତ୍ତୃପକ୍ଷ ସରକାରୀ ନିତୀ ନିୟମ କୁ ଜଳାଞ୍ଜଳି ଦେଇ ବିଦ୍ୟାଳୟ ପରିସରରୁ ଗଛ ହାଣି ପକାଇଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ,କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ମୁଖ୍ୟାଳୟରେ ଥିବା ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପରିସରରେ । ସୂଚନ ଯୋଗ୍ୟ ଯେ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ପରିସରରେ ଶାଗୁଆନ,ଲିମ୍ବ, ଅଁଳା ,କୃଷ୍ଣଚୂଡା ଆଦି ଅନେକ ପ୍ରକାରର ଗଛ ଲଗାଇ ଏକ ସୁସ୍ଥ ପରିବେଶ ଗଠନ କରାଯାଇଛି । ବିଦ୍ୟାଳୟର ସମ୍ମୁଖ ଭାଗର ବାମ ପାର୍ଶ୍ୱରେ ଦୀର୍ଘ ୨୦ ବର୍ଷ ଧରି ଝଙ୍କାଳିଆ କୃଷ୍ଣଚୂଡା ଗଛ ଟି ଶୋଭା ପାଉଥିଲା । ଆଉ ଯେତେବେଳେ କୃଷ୍ଣଚୂଡା ପାଖୁଡା



ମେଲି ଦିଏ ବିଦ୍ୟାଳୟର ଶୋଭା ଦିଗୁଣିତ ହୋଇଯାଏ । ଶିକ୍ଷକ,ଶିକ୍ଷୟିତ୍ରୀ ଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଆନନ୍ଦ ଭରିଦିଏ । ରାସ୍ତାରେ ଯାଉଥିବା ପଥିକର ଆଖି ମଧ୍ୟ ଲାଖିଯାଏ କୃଷ୍ଣଚୂଡାର ନାଲି ଅଧରରେ । ବିଦ୍ୟାଳୟ କୁ ଆସୁଥିବା ଅଭିଭାବକ ତଥା ରାସ୍ତାରେ ଯାଉଥିବା ପଥଚାରୀ ମାନେ ମଧ୍ୟ ଏହି ଗଛ ଛାଇରେ କିଛି ସମୟ ପାଇଁ ଅଟକି ଯାଉଥିଲେ । ବିଦ୍ୟାଳୟର ଭିତିଭୂମି ଯଥେଷ୍ଟ ପରିମାଣର ଥିବା ସତ୍ୱେ ବିଦ୍ୟାଳୟ ର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଆଳରେ ଜନୈକ ଠିକାଦାର ସ୍କୁଲ କର୍ତୃପକ୍ଷଙ୍କୁ ହାତ କରି କୃଷ୍ଣଚୂଡା ଗଛ ସାଙ୍ଗକୁ ଅନ୍ୟ ଗଛ ମଧ୍ୟ ହାଣି ପକାଲେ । ଏହା ବ୍ୟତିତ ସ୍କୁଲ ପରିସରରେ ବ୍ୟବହାର ଉପଯୋଗୀ ଥିବା ଏକ କଂକ୍ରିଟ ରାସ୍ତା କୁ ମଧ୍ୟ ଉପାଡି ଦେଇ ତା ଉପରେ ଉକ୍ତ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ହେଉଅଛି । ଯାହାକି ଅନେକ ସମ୍ପତି ନଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି । ବନ ବିଭାଗର ନିତୀ ନିୟକ କୁ ବେଖାତିର କରି ବିଦ୍ୟାଳୟ ପରିସରରେ ଥିବା କୃଷ୍ଣଚୂଡା ଗଛ ସାଙ୍ଗ କୁ ଆହୁରୀ ଗଛ ମଧ୍ୟ ହାଣି ଦେଇଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ ପରିଚାଳନା କମିଟିର ଅନେକ ସଦସ୍ୟ ଅଭିଯୋଗ ଆଣିଛନ୍ତି ଯେ କୃଷ୍ଣଚୂଡା , ଶାଗୁଆନ ଗଛ ହାଣିବା ଏବଂ କଂକ୍ରିଟ ରାସ୍ତା ଉପାଡିବା ସମ୍ବନ୍ଧରେ ସେମାନଙ୍କୁ କିଛି ସୂନା ଦିଆଯାଇ ନାହିଁ। ଏନେଇ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ମହାନ୍ତ ଙ୍କୁ ମତାମତ ଲୋଡିବାରୁ କହିଲେ ଆମେ ଡିଏଫ ଅଫିସ ରୁ ଅନୁମତି ଅଣିଛୁ କିନ୍ତୁ କେତେ ଟି ଗଛ ହାଣିବାର ଅନୁମତି ଆସିଛି ମୁଁ ଜାଣି ନାହିଁ , ବୋଲି ସଫେଇ ଦେଇଛନ୍ତି । ଅନ୍ୟପକ୍ଷରେ ଚମ୍ପୁଆସ୍ଥିତ ରେଞ୍ଜର ସଂଜୀବ ରାଉତଙ୍କ ମତାମତ ଲୋଡିବାରୁ କହିଲେ ମୋ ପାଖରେ ତ କିଛି ଖବର ନାହିଁ ,କଣ ହୋଇଛି ମୁଁ ପଚାରି ବୁଝୁଛି । ତେବେ ବନ ବିଭାଗର ବିନା ଅନୁମତିରେ କିପରି ଗଛ ସବୁ ହାଣି ପକାଇଲେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଝୁଲନ୍ତା ଅବସ୍ଥାରେ ଜିଆରଏସଙ୍କ ମୃତଦେହ ଉଦ୍ଧାର

ଚଣ୍ଡିଖୋଲ: ବଡଚଣା ଥାନା ଚଣ୍ଡିଖୋଲ ଫାଣ୍ଡି ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଜନୈକ ଡାକ୍ତରଙ୍କ ଘରେ ଭଡାନେଇ ରହୁଥିବା ପତରାଜପୁର ପ□ାୟତର ଜିଆରଏସଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଆଜି ପୁଲିସ ଉଦ୍ଧାର କରିଛି । ସୂଚନା ଅନୁସାରେ ବରପଦା ପ□ାୟତ ଜିଆରଏସ ରଶ୍ମିତା ପାଢ଼ୀ ଏକ ବର୍ଷହେବ ଉକ୍ତ ଘରେ ନିଜ ପରିବାର ସହ ଭଡାରେ ରହିଆସୁଥିଲେ । ସ୍ୱାମୀ ଦେବାଶିଷ ପତି ଝାରସୁଗୁଡାରେ ଚାକିରୀ କରୁଥିବାରୁ ଜିଆରଏସ ନିଜ ପିଲାର ଯତ୍ନନେବା ପାଇଁ ନିଜର ପିୟୁସୀଙ୍କୁ ପାଖରେ ରଖିଥିଲେ । ଆଜି ସକାଳୁ ନିଜର ପିୟୁସୀଙ୍କୁ ମୋର ଫୋନ କଲ ଆସିଛି କହି ଝିଅକୁ ତାଙ୍କୁ ଧରାଇ ଘର କବାଟ ବନ୍ଦ କରିଦେଇଥିଲେ । ବିଳମ୍ବ ହେବାରୁ ପିୟୁସି କବାଟ ଖୋଲିବାରୁ ଝୁଲାନ୍ତା ଅବସ୍ଥାରେ ଜିଆରଏସ ଶ୍ରୀମତୀ ପାଢ଼ୀଙ୍କ ମୃତଦେହ ଝୁଲୁଥିବାର ଦେଖି ଚିତ୍କାର କରିଥିଲେ । ପାଖପଡୋଶୀ ମହିଳାଙ୍କ ଚିତ୍କାର ଶୁଣି ଘଟଣାସ୍ଥଳକୁ ଧାଇଁଯାଇଥିଲେ, ସେଠାରେ



ଜିଆରଏସଙ୍କ ମୃତଦେହ ଝୁଲୁଥିବାର ଦେଖିଥିଲେ । ଖବରପାଇ ବଡଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିଁତ୍ତରଞ୍ଜନ ଜେନା ଘଟଣାସ୍ଥଳରେ ପହ□ ଶବ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ପୁଲିସ ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ ଜାରିରଖିବା ସହିତ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଏ.ଆଇ.ସି.ସି. ସଭ୍ୟ ହଳଧର ସେଠୀଙ୍କ ୨ଦଳିତ ମାମଲା ନେଇ କେନ୍ଦ୍ରାପଡା ଏସଡିପିଓଙ୍କ ସହ ଆଲୋଚନା

କେନ୍ଦ୍ରାପଡ଼ା : ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ତଥା ରାଜ୍ୟ ଅନୁସୂଚିତ ଜାତି ଜନଜାତି ପରିଷଦର ସଭାପତି ହଳଧର ସେଠୀ ସୋମବାର କେନ୍ଦ୍ରାପଡା ଉପ ଆରକ୍ଷୀ ଅଧିକ୍ଷକ(ଏସ.ଡି.ପି.ଓ.) ରାଜୀବଲୋଚନ ପଣ୍ଡାଙ୍କୁ ଭେଟି ଖଇରାବାଦର ଜନୈକ ଦମ୍ପତୀ କେତେକ ଦଳିତ ଯୁବକଙ୍କ ଠାରୁ ଚାକିରୀ କରାଇଦେବାକୁ କହି ଅର୍ଥ ଠକି ନେଇଥିବା ମାମଲା ଓ ମରଡପୁର ଗ୍ରାମର ଦଳିତ ଯୁବକଙ୍କୁ ହତ୍ୟା ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଖଇରାବାଦ ଅର୍ଥ ଠକେଇ ମାମଲାରେ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଦଫା ଲଗାଯାଇ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଦଳିତ ଯୁବକମାନଙ୍କ ଅର୍ଥ ସେମାନଙ୍କୁ ଫେରସ୍ତ ପାଇଁ ପୋଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଓ ମରଡପୁର ଦଳିତ ଯୁବକ ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ତୁରନ୍ତ ଗିରଫ କରାଯିବାକୁ ଏସଡିପିଓ ଶ୍ରୀ ପଣ୍ଡାଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରିଛନ୍ତି ।

# ଆଦିବାସୀ ସେଙ୍ଗେଲ ଅଭିଯାନ ସମାବେଶ

ଘଷିପୁରା: ଘଷିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମପଂଚାୟତ ହାଡ ପଡିଆ ଠାରେ ଗତ ମଙ୍ଗଳବାର ଦିନ ଆଦିବାସୀ ସେଙ୍ଗେଲ ଅଭିଯାନ ଘଷିପୁରା ବ୍ଲକ କମିଟିର ସେଙ୍ଗେଲ ପାର୍ଗାନା ଗୁନାରାମ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆଦିବାସୀ ସେଙ୍ଗେଲ ଅଭିଯାନର ଓଡିଶା ପ୍ରଦେଶ ଯୁବ ସଭାପତି କଲ୍ୟାଣ ବାସ୍କେ ଯୋଗ ଦେଇଥିଲେ । ଆଦିବାସୀ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ଅଧକ୍ଷ ସାନ୍ତାଳୀ ଭାଷା ବିଜେତା ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ୫ଟି ପ୍ରଦେଶ ଓଡିଶା, ଆସାମ, ବିହାର, ବେଙ୍ଗଲ, ଝାଡଖଣ୍ଡ ରାଜ୍ୟର ଆଦିବାସୀ ସମାଜରେ ଚାଲିଥିବା କୁପ୍ରଥା ଗୁଡିକୁ ହଟାଇ ନିଶା ମୁକ୍ତ, ଅନ୍ଧବିଶ୍ୱାସ ମୁକ୍ତ, ଡାହାଣୀ ପ୍ରଥା ମୁକ୍ତ, ଇର୍ଷା ଦ୍ୱେଶ ମୁକ୍ତ, ମନଇଛା ଜରିମାନା ମୁକ୍ତ, ରାଜନୀତିକୁ ପୋଷଣ ମୁକ୍ତ କରିବା ସହିତ ଆଦିବାସୀ ମହିଳାଙ୍କ ବିରୋଧି ମାନସିକତା ମୁକ୍ତ କରି ସୁଦୃଢ ଜାଗ୍ରତ ଆଦିବାସୀ ସମାଜ ସ୍ଥାପିତ କରିବାର କାର୍ଯ୍ୟ ଦ୍ୱାରାନ୍ୱୀତ କରିବା ପାଇଁ ଆଜି ପାଞ୍ଚଟି ବ୍ଲକ ସେଙ୍ଗେଲ ଟାୱାର, ଦଶଟି ପଂଚାୟତ ସେଙ୍ଗେଲ ଟାୱାର ନାମରେ କର୍ମୀ ନିଯୁକ୍ତି କରାଯାଇଥିଲା । ତତ୍ସହିତ ପୂର୍ବ ଘୋଷିତ ଅନୁସାରେ ଭାରତର ପାଞ୍ଚଟି ପ୍ରଦେଶର ୭ ଦଫା ଦାବିକୁ ନେଇ ଓଡିଶାର ବିଭିନ୍ନ ଜାଗାରେ ଆନ୍ଦୋଳନ ଚାଲିଥିବା ସୂଚନା ଦେଇଥିଲେ । ଏହାସହ ଘଷିପୁରା ବ୍ଲକ ଗୋହିରା ହାଟ ପଡିଆରେ ୭ ଦଫା ଦାବି ଯଥା- ସାର୍ନା ଧର୍ମ କୋଡ୍ ମାନ୍ୟତା ପ୍ରଦାନ ଓ କାର୍ଯ୍ୟାନୁଷ୍ଠାନ, ସାନ୍ତାଳୀ ଭାଷାକୁ ଝାଡଖଣ୍ଡ ରାଜ୍ୟର ପ୍ରଥମ ରାଜ ଭାଷା, ଝାରଖଣ୍ଡି ରୋଜଗାର ନୀତି, ସିଏନଟିଏସପିଟି କାନୋନକୁ ରକ୍ଷା କରିବା, ବେଆଇନ୍ ଭାବରେ ବିସ୍ଥାପନ ପଳାୟନକୁ ରୋକିବା, ରାମେଶ୍ୱର ମୁର୍ମୁ ଓ ରୂପା ତିର୍କୀର ସନ୍ଦେହ ମୃତ୍ୟୁର ସି.ବି.ଆଇ. ତଦନ୍ତ କରାଯିବା ସହିତ ଆସାମ ଆଣ୍ଡାମାନ ଆଦିର ଝାରଖଣ୍ଡି ଆଦିବାସୀ ମାନଙ୍କୁ ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା, ବୀର ସହୀଦ ସିଦୋ ମୁର୍ମୁ ଓ ବିର୍ସା ମୁଣ୍ଡାଙ୍କର ବଂଶକୁ ଆଜୀବନ ସମ୍ମାନ ସୁରକ୍ଷା ସମୃଦ୍ଧି ପାଇଁ ଦୁଇଟି ଟ୍ରଷ୍ଟ ଗଠନ ଆଦି ଦାବି ଗୁଡିକ ପୂରଣ କରିବା ନେଇ ସ୍ଲୋଗାନ ଦିଆଯାଇଥିଲା । ବାରମ୍ବାର ଦାବି ପରେ ମଧ ନିଜ ସଂପ୍ରଦାୟ ଲୋକ ମାନଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ କରି ଝାରଖଣ୍ଡ ସରକାର ହେମନ୍ତ ସୋରେନଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

# ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

# ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

# ଗ୍ଲୋବାଲ ସ୍କୁଲ ଆୱାର୍ଡ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ ଆୱାର୍ଡ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

# ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି ।

# ସେରେଣ୍ଡା ସଂରକ୍ଷିତ ଜଙ୍ଗଲରେ ପୁଣି ସ୍ଥିତି ଜାହିର କଲେ ମାଓବାଦୀ

କିରିବୁରୁ ଓ ମେଘାହାତୁବୁରୁ ଅଂଚଳର ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣରେ ମାଓ ପୋଷ୍ଟର, ବ୍ୟାନର ଓ ବୁକଲେଟ ଉଦ୍ଧାର ।

ବଡବିଲ: କେନ୍ଦୁଝର ଜିଲ୍ଲା ସୀମାନ୍ତ ବଲାଣି କୁ ଲାଗିରହିଥିବା ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ଅନ୍ତର୍ଗତ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ) ର ଦ୍ୱେତ ଖଣି ସହର କିରିବୁରୁ ଓ ମେଘାହାତୁବୁରୁ ଠାରେ ରବିବାର ବିପୁଳ ମାଓ ପୋଷ୍ଟର, ବ୍ୟାନର ଓ ବୁକଲେଟ ଉଦ୍ଧାର କରିଛି ଝାଡ଼ଖଣ୍ଡ ଆରକ୍ଷୀ । ଗୋଟିଏ ପକ୍ଷରେ ଅନେକ ବର୍ଷ ପରେ ସେରେଣ୍ଡା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ପୁଣି ତାର ସ୍ଥିତି ଜାହିର କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୂଚନାନୁସାରେ ରବିବାର ଭୋର ସମୟରେ ଲୋକେ ସକାଳ ଚାଲିବା ପାଇଁ ବାହାରିଥିବା ବେଳେ କିରିବୁରୁ ଓ ମେଘାହାତୁବୁରୁ ବସ ଷ୍ଟାଣ୍ଡ, ଛକ, ବଜାରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାଓବାଦୀ) ଦ୍ୱାରା ପୋଷ୍ଟର, ବ୍ୟାନର ଓ ୧୬ ପୃଷ୍ଠା ବିଶିଷ୍ଟ ବୁକଲେଟ ଏଣେତେଣେ ଲଗାଯିବା ସହିତ ରଖାଯାଇଥିବା ଦେଖିବାକୁ ପାଇଥିଲେ । ତେବେ ଅନୁମାନ କରାଯାଉଛି ଯେ ଶନିବାର ଓ ରବିବାର ମଧରାତ୍ର ରେ ମାଓବାଦୀ ପକ୍ଷରୁ ମୋଟରସାଇକେଲ ରେ ଏହି ପୋଷ୍ଟର , ବ୍ୟାନର ଓ ବୁକଲେଟ ଲଗାଯାଇଛି । ଏହି ବ୍ୟାନର ରେ ଆଗାମୀ ୨୮ ଜୁଲାଇ ରୁ ୩ ଅଗଷ୍ଟ ପର୍ଯ୍ୟନ୍ତ ସହିଦ ସ୍ମୃତି ସପ୍ତାହ ପାଳନ କୁ ସଫଳ କରାଇବାକୁ ଆହ୍ୱାନ ଦେବା ସହିତ ଫାଦର ଷ୍ଟେନ ସ୍ୱାମୀ ଙ୍କ ହତ୍ୟାକାରୀ ଙ୍କ ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦିଆଯାଇଛି । ଏହା ବ୍ୟତୀତ ମାଓବାଦୀ ଦ୍ୱାରା ଲଗାଯାଇଥିବା ବେନର ଓ ପୋଷ୍ଟର ମାଧ୍ୟମରେ ଚାରୁ ମଜୁମଦାର, କହ୍ନାଇ ଚଟାର୍ଜୀ ଙ୍କ ସ୍ୱପ୍ନ ସାକାର କରିବା , ବିହାର- ଝାଡ଼ଖଣ୍ଡ, ପୁର୍ବ ବିହାର- ପୁର୍ବ ଝାଡ଼ଖଣ୍ଡ କୁ ଆଧାର ଅଂଚଳ କରିବା, ଦଣ୍ଡକାରଣ୍ୟରେ ଡ୍ରନ ଆକ୍ରମଣକୁ ବିରୋଧ କରାଯାଇଛି । ଏହା ବ୍ୟତୀତ ସାମାଜିକ କର୍ମୀ ଫାଦର ଷ୍ଟେନ ଙ୍କ ହତ୍ୟା ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରିବା ସହିତ ଗତ କିଛି ଦିନ ତଳେ ରେଡା ରେ ହୋଇଥିବା ପୁଲିସ ଓ ମାଓବାଦୀ ସଂଘର୍ଷ ରେ ପ୍ରାଣ ହରାଇଥିବା ଗୁଆ ଦିରିବୁରୁ ପଂଚୟତର ଲିପୁଙ୍ଗା ଗ୍ରାମର ନିବାସୀ ମହିଳା ମାଓବାଦୀ ସୁଜାତା ଓରଫ ସୁନିକା, ଗୋଇଲକେରା କାଶୀଯୋଡ଼ା ଅଂଚଳର ଶାନ୍ତି ଓରଫ ମାନ୍ଦୁରୀ ପୂର୍ତ୍ତି ଏବଂ କାଟମ୍ବା ଗ୍ରାମର ପ୍ରିୟଙ୍କାଙ୍କ ମୃତ୍ୟୁ କୁ ନେଇ ଉଲ୍ଲେଖ ରହିଛି । କିରିବୁରୁ ଆରକ୍ଷୀ ସମସ୍ତ ପୋଷ୍ଟର, ବ୍ୟାନର ଓ ବୁକଲେଟ କୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି ।

# ଶୋଚନୀୟ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

ଜୟପୁର : କୋରାପୁଟ ଜିଲ୍ଲାର ଜୟପୁରୁ ସହର ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଜୟପୁର ସହର ଠାରୁ ମାତ୍ର ୨ କିଲୋମିଟର ଦୂରରେ ରହିଛି ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର। କିନ୍ତୁ ରାସ୍ତାର ଅବସ୍ଥା ବିପର୍ଯ୍ୟୟ ହୋଇପଡ଼ିଥିଲେ ମଧ ଏହାରି ଉପରେ କୌଣସି ସରକାରୀ ବାବୁ ମାନଙ୍କ ଦୃଷ୍ଟି ପଡୁ ନାହିଁ। ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ପାଖାପାଖି ଅଞ୍ଚଳ ତଥା ଓ .ସି .ସି.କୋଲନୀ,ସ୍ୱିଲବାଇ କୋଲନୀ, ନୂଆଗୁଡା ,କୁମ୍ଭାର ସହି ,କଦଳୀ ଗୁଡ଼ା ,ସିମିଷ୍ଟର କୋଲୋନୀ ,ହାତୀସାଳ ,ସୁକିୟା ଗୁଡ଼ା , ପାୱାର ହାଉସ, ପୁରୁଣା ଗଡର ଲୋକମାନେ ନିର୍ଭରଶୀଳ। ଏପରିକି ଜୟପୁର ଟାଉନ ଲୋକେ ମଧ ଏହି ମେଡ଼ିକାଲ ଉପରେ ଭରଷା ରଖିଛନ୍ତି ।ବିଶେଷ କରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ କୋରନା ଟୀକା କରଣ କରାଯାଉଛି । ଟିକା ନେବା ପାଇଁ ପ୍ରତିଦିନ ବହୁତ ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଛନ୍ତି । କିନ୍ତୁ ଦୁଃଖର ବିଷୟ ଯେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ରାସ୍ତା ନାହିଁ ।ଯାହା ଫଳରେ ସାଧାରଣ ଲୋକ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତାକୁ ନେଇ ବୁଦ୍ଧିଜୀବିମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ବିଜୁ ପକ୍କା ରାସ୍ତା ଯୋଜନା ମାନ ରହିଛି। କିନ୍ତୁ ଅଞ୍ଚଳର ଗରିବ ଲୋକ ନିଜ ପାଖ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଭରସା କରିଥାନ୍ତି। ତେବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ ଏହି ରାସ୍ତାରେ ସାଇକେଲ ଯିବା କଷ୍ଟସାଧ ହୋଇପଡିଛି, ତେବେ ରୋଗୀଙ୍କ ଚିକିତ୍ସା ନିମନ୍ତେ ସାଧାରଣ ଅଟୋ ରିକ୍ସା ଯାଇପାରିବ ତୋ ? ଏହି ରାସ୍ତା ଦେଇ ଲାଲ୍ ଗୁଡା ଲୋକ ମାନେ ମଧ ଯାତାୟାତ କରୁଛନ୍ତି। ଏହି ଗ୍ରାମରେ ଏକ ସ୍କୁଲ ମଧ ରହିଛି ।କୋରନା କଟକୋଣା ଯୋଗୁଁ ସ୍କୁଲ ବନ୍ଦ ରହିଛି। ଯଦି ସ୍କୁଲ ଖୋଲା ରହିଥିଲେ ଛୋଟ ଛୋଟ ପାଠ ପଢ଼ିବାକୁ ଆସୁଥିବା ପିଲାମାନଙ୍କର କି ଭଳି ଅସୁବିଧା ହୋଇଥାନ୍ତା , ତାହା ଏହି ରାସ୍ତାର ନଗ୍ନ ଚରିତ୍ରରେ ଜଣାପଡୁଛି। ସ୍ଥାନୀୟ ଗ୍ରାମବାସୀ ମାନେ ଅନେକ ଥର ଏହି ରାସ୍ତା ତିଆରି କରିବାକୁ ବାରମ୍ବାର ଅଭିଯୋଗ କରିଥିବା କହିଛନ୍ତି। କିନ୍ତୁ କୌଣସି ପ୍ରକାର ଫଳ ମିଳୁନାହିଁ ବୋଲି କହିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଯେପରି କଥାରେ ଅଛି ଚେଇଁ ଶୋଇଥିବ ଯେ,ତାକୁ ଉଠାଇବ କିଏ, ଏହି ଭଳି କୁମ୍ଭ ନିଦ୍ରାରେ ପ୍ରଶାସନିକ ଅଧିକାରୀ ମାନେ ଶୋଇ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ତେବେ ଦେଖିବାକୁ ବାକି ରହିଲା କେବେ ପ୍ରଶାସନର ଦୃଷ୍ଟି ଆକର୍ଷଣ ହେଉଛି, ଏବଂ କେବେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମୂଖ୍ୟ ରାସ୍ତା ତିଆରି ହୋଇପାରୁଛି।

# ପାରିବାରିକ କଳହର କରୁଣ ପରିଣତି : ଭାଇର ଠେଙ୍ଗା ମାଡରେ ଭାଇ ମୃତ, ଅଭିଯୁକ୍ତ ଗିରଫ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମୁଣ୍ଡାସାହିରେ ପାରିବାରିକ କଳହକୁ କେନ୍ଦ୍ର କରି କକା ପୁଅ ଭାଇର ଠେଙ୍ଗା ମାଡରେ ବଡ଼ବାପ ପୁଅ ଭାଇର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ବନ୍ଦ ମୁଣ୍ଡା । ଗତକାଲି ସନ୍ଧ୍ୟାରେ କକା ପୁଅ ଭାଇ ଶମ୍ଭୁ ମୁଣ୍ଡା ଘରେ ଖାଇ ବସିଥିବା ବେଳେ ବଡ଼ବାପ ପୁଅ ଭାଇ ବନ୍ଦ ମୁଣ୍ଡା ମାରଣାସ୍ତ୍ର ଧରି ତାକୁ ଆକ୍ରମଣ କରିଥିଲା । ନିଜକୁ ବଂଚାଇବା ଉଦ୍ଦେଶ୍ୟରେ ଶମ୍ଭୁ ଏକ ଠେଙ୍ଗା ସାହାଯ୍ୟରେ ବନ୍ଦ ମୁଣ୍ଡାର ମୁଣ୍ଡକୁ ପ୍ରହାର କରିବାରେ ଭୀଷଣ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା ।

# ବାଜେଣୀ ଗୁମ୍ଫାଠାରେ ୪ର୍ଥ ପ୍ରହର ନାମଯଜ୍ଞ



ଚଣ୍ଡିଖୋଲ: ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ବଡ଼ଚଣା ବ୍ଲକ କାଇମାଟିଆ ପଂଚାୟତ ନଳୀଡା ମୌଜା ର ପର୍ବତ ଶୀଖର ମଧଭାଗରେ ଥିବା ବାଜେଣୀ ଗୁମ୍ଫା ଠାରେ ୪ ର୍ଥପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଇଯାଇଛି .ପ୍ରାତଃ ୪ ଘଟିକା ସମୟରୁ ବରଙ୍ଗ ଗ୍ରାମର ସଂକୀର୍ତନ ମଣ୍ଡଳୀ ତରଫରୁ ନାମଯଜ୍ଞ ଆରମ୍ଭ ହୋଏଇଥିଲା.ପରେ କାଇମାଟିଆ ,ବିରିଜାଙ୍ଗ ,ପଇଦା ,ଶାଳପଡା ଓ ଜିଆଗୋଡା ଗ୍ରାମର ସଂକୀର୍ତନ ମଣ୍ଡଳୀ ମାନେ ଯୋଗଦେଇ ନାମଯଜ୍ଞ କରିଥିଲେ .ବାବାଜୀ ଗୋଲଖ ଦାସ ବାଜେଣୀ ଗୁମ୍ଫା ରେ ରହି ଦୀର୍ଘ ୧୦ ବର୍ଷ ହେବ ଏହି ନାମଯଜ୍ଞ କୁ ଚଳାଇଆସୁଛନ୍ତି.କର୍ତା ଭାବେ ଆଶୁତୋଷ ମହାନ୍ତି ନାମଯଜ୍ଞ ରେ ଯୋଗଦେଇଥିଲେ .ଅନ୍ୟମାନଙ୍କ ମଧରେ ପୂର୍ବତନ ସରପଞ୍ଚ ପ୍ରବୋଧ ଶତପଥି ,ବିବେକରଞ୍ଜନ ସୁବୁଧି ,ଅନିରୁଦ୍ଧ ରାଉତ ଓ ଭବାନୀ ଶଙ୍କର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ .ଏହି ନାମଯଜ୍ଞ ରେ କାଇମାଟିଆ ,ପଇଦା ,ବିରିଜଙ୍ଗା, ବାଉଁଶମୂଳି, ଅଭୟପୁର ,ନାଳିଡ଼ ,ବୈଦେହୀପୁର ,ହରଣାଟିକିରି ,ବାରଂଗ ଓ ଶାଳପଡା ଆଦି ଗ୍ରାମର ପୁରଷ ଓ ମହିଳା ମାନେ ଯୋଗଦେଇ ନାମଯଜ୍ଞକୁ ମୁଖରିତ କରିଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday September 02, 2021 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୦୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ମହିନ୍ଦ୍ରା ଫାଷ୍ଟ୍ ଚଏସ୍ ହ୍ୱିଲ୍ସ ପକ୍ଷରୁ ୭୫ ତମ ୟୁଜଡ୍ କାର ଷ୍ଟୋର୍‌ର ଶୁଭାରମ୍ଭ

ଭୁବନେଶ୍ୱର : ଭାରତର ଅଗ୍ରଣୀ ମଲ୍ଟି ବ୍ରାଣ୍ଡ ପ୍ରି-ଓନଡ୍ କାର ରିଟେଲର ମହିନ୍ଦ୍ରା ଫାଷ୍ଟ୍ ଚଏସ୍ ହ୍ୱିଲ୍ସ ଲିମିଟେ (ଏମ୍‌ଏଫ୍‌ସିଡବ୍ଲ୍ୟୁଏଲ୍) ଭାରତର ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ଶ୍ରେଣୀ ସହରରେ ୭୫ଟି ଅତ୍ୟାଧୁନିକ ଷ୍ଟେଟ୍ ଅଫ୍ ଦି ଆର୍ଟ ଫ୍ରାଂଚାଇଜ୍ ଷ୍ଟୋର ସ୍ଥାପନ କରାଯାଇଛି। ଏହି ନୂତନ ଷ୍ଟୋରଗୁଡିକ ଯୋଗୁ ଏମ୍‌ଏଫ୍‌ସିଡବ୍ଲ୍ୟୁଏଲ୍‌ର ବଜାର ସୁଦୃଢ଼ ହେବାରେ ଲାଗିଛି। ବ୍ୟବହୃତ କାରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏମ୍‌ଏଫ୍‌ସିଡବ୍ଲ୍ୟୁଏଲ୍ ପକ୍ଷରୁ କେରଳ, କର୍ଣ୍ଣାଟକ, ଜାମ୍ମୁ କାଶ୍ମୀର, ଦିଲ୍ଲୀ, ଉତରପ୍ରଦେଶ, ଛତିଶଗଡ, ଉତରାଖଣ୍ଡ, ରାଜସ୍ଥାନ, ହରିୟାଣା, ପାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଗୁଜରାଟ, ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆସାମ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଷ୍ଟୋର ସ୍ଥାପନ କରାଯାଇଛି। ଏହା ସହିତ ଭାରତ ବ୍ୟାପୀ ଏହାର ୧୧୦୦ ରୁ ଅଧିକ ଶକ୍ତିଶାଳୀ ଷ୍ଟୋର ନେଟୱାର୍କ ରହିଛି। ସମ୍ପ୍ରତି ଏହାର ନୂତନ ଷ୍ଟୋର ହେଉଛି ଢେଙ୍କାନାଳର ଚାରୁକଳା ଅଟୋମୋବାଇଲଠାରେ ଶୁଭାରମ୍ଭ କରାଯାଇଛି। ଏହି ନୂତନ ମହିନ୍ଦ୍ରା ଫାଷ୍ଟ୍ ଚଏସ୍ ଷ୍ଟୋରରେ ସମସ୍ତ ସୁବିଧା ଏବଂ ସେବା ପ୍ରଦାନ କରାଯିବ ଯାହା ଏମ୍‌ଏଫ୍‌ସିଡବ୍ଲ୍ୟୁଏଲ୍ ବ୍ରାଣ୍ଡର କାରବାର ବୃଦ୍ଧିରେ ସହାୟକ ହୋଇପାରିବ। ଏଠାରେ ବ୍ୟବହୃତ କାର ବିକ୍ରୟ, ମହିନ୍ଦ୍ରା ସାର୍ଟିଫାଏଡ ୱାରେଂଟି, ସହଜ ଫାଇନାନ୍ସ, ଚିନ୍ତାମୁକ୍ତ ଆରଟିଓ ଟ୍ରାନ୍ସଫର୍ ଏବଂ ଅନନ୍ୟ ଗ୍ରାହକଙ୍କ ଅଭିଜ୍ଞତା ଯୋଗାଇ ଦିଆଯାଉଛି। ଏହି ଅବସରରେ ମହିନ୍ଦ୍ରା ଫାଷ୍ଟ ଚଏସ୍ ହ୍ୱିଲ୍ସ ଲିମିଟେଡ୍‌ର ସିଇଓ ତଥା ଏମ୍‌ଡି ଆଶୁତୋଶ ପାଣ୍ଡେ କହିଲେ, କାର ମାଲିକାନାକୁ ସମଗ୍ର ଦେଶରେ ଗ୍ରାହକଙ୍କ ପାଇଁ ସହଜରେ ଉପଲବ୍ଧ କରାଇବା ଆମର ଲକ୍ଷ୍ୟ। ଦେଶରେ ୭୫ଟି ଷ୍ଟୋରର ଶୁଭାରମ୍ଭ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ମହାମାରୀ ସତ୍ତ୍ୱେ ବ୍ୟବହୃତ କାର ଚାହିଦା ବୃଦ୍ଧି ପାଉଥିବାବେଳେ ମହିନ୍ଦ୍ରା ବ୍ରାଣ୍ଡ ଉତ୍ପାଦ, ସେବା, ପ୍ରଯୁକ୍ତିବିଦ୍ୟା ଏବଂ ଉପଯୁକ୍ତ ସାଂଗଠନିକ ପଦକ୍ଷେପ ମାଧ୍ୟମରେ ଏହି ଇକୋସିଷ୍ଟମକୁ ସୁଦୃଢ଼ କରିବାକୁ ଉଦ୍ୟମ କରୁଥିବାରୁ ବେଶ୍ ଆନନ୍ଦିତ। ବିଗତ ବର୍ଷରେ ଏମ୍‌ଏଫ୍‌ସିଡବ୍ଲ୍ୟୁଏଲ୍ ଅଧିକ ସଂଗଠିତ ପ୍ରି-ଓନଡ୍ କାର ଇକୋ-ସିଷ୍ଟମ ଗଠନ କରିବା ସହିତ ଗ୍ରାହକ ବିଶ୍ୱାସନୀୟ ଫ୍ରାଂଚାଇଜ୍ ଦ୍ୱାରା ବିତରକଙ୍କ ମାଧ୍ୟମରେ ଉପଯୁକ୍ତ ଗ୍ରାହକ ସେବା ଯୋଗାଇବାକୁ ସକ୍ଷମ ହୋଇ ପାରିଛି। ଏହା ଟେକ୍ନୋଲୋଜି, ଟ୍ରେନିଂ, ସଫ୍ଟୱେର, ବ୍ରାଣ୍ଡିଂ ଏବଂ ମାର୍କେଟିଂ ଉପଲବ୍ଧ କରାଉଛି। ଇତିମଧ୍ୟରେ ଏମ୍‌ଏଫ୍‌ସିଡବ୍ଲ୍ୟୁଏଲ୍ ୫୦୦୦ରୁ ଅଧିକ ସାର୍ଟିଫାଏଡ୍ ଭେହିକିଲ୍ ବିକ୍ରି କରିବାକୁ ସକ୍ଷମ ହୋଇଛି। ଭୁବନେଶ୍ୱରର ଗ୍ରାହକମାନେ ଏହି ନୂତନ ଷ୍ଟୋର ଦ୍ୱାରା ନିଜର ପ୍ରି-ଓନଡ୍ ଭେହିକିଲ୍ କ୍ରୟ କରିବା ସ୍ୱପ୍ନ ସାକାର କରିବାକୁ ସକ୍ଷମ ହୋଇ ପାରିବେ।

## ମନ୍ଦିର ତାଲା ଭାଙ୍ଗି ଚୋରି

ଫୁଲନଖରା:ସଦର ଥାନା ଅଧିନ ମହୀଧରପଡ଼ା ଗ୍ରାମର ପୁରାତନ ଲକ୍ଷ୍ମୀନାରାୟଣ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଗୋପୀନାଥ ଓ ମଦନମୋହନଙ୍କ ପିତଳ ମୂର୍ତ୍ତି ସମେତ ଲକ୍ଷ୍ମୀନାରାୟଣଙ୍କ ରୁପା ମୁକୁଟ ଓ ଆଖି ତାଡ଼ି ନେଇଛନ୍ତି। ଏ ନେଇ ମନ୍ଦିର ମାର୍ଫତଦାର ବିମଳକିଶୋର ମହାପାତ୍ର ଥାନାରେ ଏତଲା ଦେବା ପରେ ପୁଲିସ ମହୀଧରପଡ଼ାରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଦୁର୍ବୃତମାନେ ସ୍ଥାନୀୟ ଅଞ୍ଚଳର ବୋଲି ଗ୍ରାମବାସୀ ସନ୍ଦେହ କରି ପୁଲିସକୁ ସୂଚନା ଦେଇଛନ୍ତି। ଖୁବ ଶୀଘ୍ର ଚୋରଙ୍କ ସନ୍ଧାନ ମିଳିଯିବବୋଲି ଥାନା ଏସଆଇ ବବିତା ସାହୁ କହିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବ୍ୟକ୍ତିଗତ ସହାୟକ ଅବସର ନେଲେ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବ୍ୟକ୍ତିଗତ ସହାୟକ (ପି.ଏ) ହରେକୃଷ୍ଣ ସାହୁ ତା ୩୧.୦୮.୨୦୨୧ରିଖ ଦିନ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି । ଅବସର ନେବା ବେଳକୁ ସେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧିନରେ କାର୍ଯ୍ୟ କରୁଥିଲେ । ଏହି ଅବସରରେ ତାଙ୍କୁ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ୍ ଶ୍ରୀ ସାହୁଙ୍କର ବ୍ୟକ୍ତିତ୍, କର୍ତବ୍ୟପ୍ରତି ନିଷ୍ଠା, ଦକ୍ଷତା ଏବଂ ସାବଲୀଳ ବ୍ୟବହାର ପାଇଁ ସେ ସମସ୍ତଙ୍କର ଆଦରଣୀୟ ହୋଇପାରିଥିଲେ ବୋଲି କହିଥିଲେ ଏବଂ ଶ୍ରୀ ସାହୁଙ୍କର ନିରାମୟ ଜୀବନ, ସୁଖ ଓ ସମୃଦ୍ଧି କାମନା କରିଥିଲେ ।

## ଡ୍ରେନେଜ ଅଧିକାରୀଙ୍କ ସଫେଇ ଅନୁଧ୍ୟାନ



ଫୁଲନଖରା:ସଇନ୍ଧା-ମହୁରା ସଫେଇ ନାଳରେ ଦଳ ଭର୍ତ୍ତି ହୋଇ ଜଳ ନିଷ୍କାସନ ପଥ ଅବରୋଧ ହୋଇଥିଲା; ଏ ନେଇ ଏକ ସଚିତ୍ର ଖବର ନ୍ତସମାଜ'ରେ ଗତକାଲି ପ୍ରକାଶ ପାଇବା ପରେ ଆଜି ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ ବେହେରା, ଉପ ନିର୍ବାହୀ ଯନ୍ତ୍ରୀ ଦୟାନିଧି ନାଥ, ସହକାରୀ ଯନ୍ତ୍ରୀ ପିକେ ପଣ୍ଡା ପ୍ରମୁଖ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ଅରିଲୋ, ଦକ୍ଷିଣ ଉଷୁମା ଓ ସନ୍ତୋଳ ଅଞ୍ଚଳର ଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସମରେନ୍ଦ୍ର ହାତୀ, ବିଷ୍ଣୁ ଦାସ, ଧିରେନ୍ଦ୍ର ନାଥ ପ୍ରମୁଖ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସଫେଇ ନାଳରେ ଥିବା ଆଡ଼ିବନ୍ଧରୁ ଦଳ ସଫେଇ ନିମନ୍ତେ ତୁରନ୍ତ ବ୍ୟବସ୍ଥା କରିବାକୁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ନେଲୁଙ୍ଗ ସରପଞ୍ଚଙ୍କ ଅକାଳ ବିୟୋଗ

କେନ୍ଦୁଝର: ସଦର ବ୍ଲକ ଠାରୁ ମାତ୍ର ୬କି.ମି.ଦୂରରେ ନେଲୁଙ୍ଗ ଗ୍ରାମ ପଂଚାୟତ ଅବସ୍ଥିତ । ଉକ୍ତ ପଂଚାୟତର ଯୁବ ସରପଞ୍ଚ ଅଶୋକ କୁମାର ନାଏକ(୩୨)ଙ୍କ ନରଣପୁର ନିକଟରେ ଏକ ଅଜଣା ଗାଡି ସହ ଦୁର୍ଘଟଣା ଘଟି ଗଭୀର ଭାବେ ଆହତ ହୋଇଥିଲେ । ତୁରନ୍ତ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କର ମୁଣ୍ଡର ପଛ ପଟେ ଗଭୀର କ୍ଷତ ହୋଇ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା । କଟକ ବଡ ଡାକ୍ତରଖାନାରେ ପହଂଚିବା ପରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ଦିନ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଶବ ବ୍ୟବଛେଦ ପରେ ତାଙ୍କର ପୈତୃକ ଗ୍ରାମ ନେଲୁଙ୍ଗକୁ ଶବ ଅଣା ଯାଇଥିଲା । ଯୁବ ସରପଂଚଙ୍କ ଅକାଳ ବିୟୋଗ ଯୋଗୁଁ ନେଲୁଙ୍ଗ ଗ୍ରାମ ପଂଚାୟତରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଅନ୍ତିମ ଦର୍ଶନ ପାଇଁ ଗ୍ରାମବାସୀ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ବଡଭାଇ ମୁଖାଗ୍ନି ଦେଇଥିଲେ । ଗତ ବର୍ଷ ୮ଶ୍ରୀ ନାଏକଙ୍କ ବିବାହ ହୋଇଥିବା ବେଳେ ତାଙ୍କର ବିଧବା ପତ୍ନୀ ବର୍ତ୍ତମାନ ଆସନ୍ନ ପ୍ରସବା ଅଛନ୍ତି ।

## ବେଦାନ୍ତ ଝାରସୁଗୁଡା ବ୍ରିକ୍ସ ଇଣ୍ଡିଆ ସଲ୍ୟୁଶନ୍‌ରେ ଏସ୍‌ଡିଜି ଆୱାର୍ଡ-୨୦୨୧ ହାସଲ କଲା



ଭୁବନେଶ୍ୱର : ଆଲୁମିନିୟମ ତଥା ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ସର୍ବ ବୃହତ ଉତ୍ପାଦକ ବେଦାନ୍ତ ଝାରସୁଗୁଡା ସମ୍ମାନଜନକ ବ୍ରିକ୍ସ ଇଣ୍ଡିଆ ସଲ୍ୟୁଶନ ଫର ସସ୍‌ଷ୍ଟେନବୁଲ୍ ଡେଭଲପମେଂଟ୍ ଗୋଲସ୍(ଏସ୍‌ଡିଜି) ଆୱାର୍ଡ-୨୦୨୧ରେ 'ରନର୍ସ ଅପ' ହୋଇଛି। କମ୍ପାନୀ ଏସ୍‌ଡିଜି-୫: ଲିଙ୍ଗଗତ ସମାନତା ବର୍ଗରେ ଏହାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶୁଭଲକ୍ଷ୍ମୀ ସମବାୟ ପାଇଁ ହାସଲ କରିଛି। ଓଡ଼ିଶାର ଝାରସୁଗୁଡାରେ କାର୍ଯ୍ୟ କରୁଥିବା ଶୁଭଲକ୍ଷ୍ମୀ ସମବାୟରେ ୪୧୦୦ରୁ ଅଧିକ ମହିଳା ସଦସ୍ୟା ରହିଛନ୍ତି। ଏହି ଅନ୍ତର୍ଜାତୀୟ ସଫଳତା ଦ୍ୱାରା ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା ଆଦି ବ୍ରିକ୍ସ ଦେଶଗୁଡିକ ମଧ୍ୟରେ ବେଦାନ୍ତ ପରିଚିତି ହାସଲ କରିବା ସହିତ ଜାତିସଂଘ ଏସ୍‌ଡିଜିରେ ଏକ ବିଶ୍ୱସ୍ତରୀୟ ମାନ୍ୟତା ଲାଭ କରିପାରିଛି। ନିକଟ ଗ୍ରାମଗୁଡିକରେ ଝାରସୁଗୁଡାର ଆଲୁମିନିୟମ ସ୍ମେଲଟର ଅଂଚଳର ନିକଟବର୍ତୀ ଗ୍ରାମଗୁଡ଼ିକରେ ସ୍ଥାନୀୟ ଲୋକଙ୍କ ଜୀବିକା ନିର୍ବାହର ଚାହିଦାକୁ ଦୃଷ୍ଟିରେ ରଖି ବେଦାନ୍ତ ପକ୍ଷରୁ ଏହି ପ୍ରକଳ୍ପ ୨୦୦୮ରେ ଆରମ୍ଭ କରାଯାଇଥିଲ । କେବଳ ୧୦ ଜଣ ମହିଳାଙ୍କୁ ନେଇ ଏହା କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରତି ସଦସ୍ୟା ୧୦୦୦ ଟଙ୍କାର ପ୍ରାରମ୍ଭିକ ଅବଦାନ ଦ୍ୱାରା ଆରମ୍ଭ ହୋଇଥିବା ଶୁଭଲକ୍ଷ୍ମୀ କୋ-ଅପ ଏକ ଦଶନ୍ଧି ମଧ୍ୟରେ ଭାରତର ବୃହତ୍ ଗ୍ରାମୀଣ ମହିଳା ସମବାୟ ସମିତି ଭାବେ ପରିଚିତି ହାସଲ କରି ଝାରସୁଗୁଡାର ୭୨ ଟି ଗ୍ରାମରେ କାର୍ଯ୍ୟ ଆରମ୍ଭ କରିଥିଲା। ଶୁଭଲକ୍ଷ୍ମୀ ସମବାୟ ସମିତି ଦକ୍ଷତା ବିକାଶ ଏବଂ ଜୀବିକା ପ୍ରୋତ୍ସାହନ, ଆର୍ଥିକ ସେବା (ସଂଚୟ ଏବଂ ଋଣ ସୁବିଧା), ସାମାଜିକ ବିକାଶ, ତଥା ସହଯୋଗ ଏବଂ ସହଭାଗୀତା ଆଦି କ୍ଷେତ୍ରକୁ ଗୁରୁତ୍ୱପ୍ରଦାନ କରିଥାଏ। ଏହି ଅବସରରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବିଜ୍‌ନେସ୍, ସିଇଓ, ରାହୁଲ ଶର୍ମା କହିଲେ, ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ବିକାଶର ନୀତିଗୁଡିକ କାର୍ଯ୍ୟ କ୍ଷେତ୍ର ତଥା ଏହାର ବାହାରେ ଆମର ମାର୍ଗଦର୍ଶନ କରିଛି। ଝାରସୁଗୁଡାର ମହିଳାମାନଙ୍କ ପ୍ରଗତିରେ ଭାଗୀଦାର ହେବା ଆମ ପାଇଁ ସବୁଠାରୁ ଗୌରବର ବିଷୟ। ସେମାନେ ନିଜକୁ ଟ୍ରେଲବ୍ଲେଜର ଭାବରେ ପ୍ରତିଷ୍ଠିତ କରିବାକୁ ବିଭିନ୍ନ ଷ୍ଟେରିଓଟାଇପକୁ ଚ୍ୟାଲେଞ୍ଜ୍ ଅତିକ୍ରମ କରିଛନ୍ତି ଏବଂ ଶେଷରେ ସଫଳ ହୋଇ ପାରିଛନ୍ତି। ସମ୍ମାନଜନକ ବ୍ରିକ୍ସ ପୁରସ୍କାର ଆମେ ଶୁଭଲକ୍ଷ୍ମୀ ସମବାୟ ସମିତିର ସମସ୍ତ ସଦସ୍ୟାଙ୍କୁ ପ୍ରଦାନ କରୁଛୁ। ସମାଜରେ ନିଜ ପାଇଁ ଏକ ନାମ ସୃଷ୍ଟି କରିବାକୁ ସେମାନଙ୍କର ସଂକଳ୍ପକୁ ଆମେ ଏହା ଉତ୍ସର୍ଗ କରୁଛୁ। ଆମେ ସେମାନଙ୍କୁ ବୃହତ ରୂପାନ୍ତରକୁ ଏକ ଆନ୍ଦୋଳନରେ ପରିଣତ କରିବା ଲାଗି ଉଦ୍ୟମ ଜାରି ରଖିବୁ। ଯାହା ସମଗ୍ର ବିଶ୍ୱରେ ମହିଳାମାନଙ୍କ ପାଇଁ ସଶକ୍ତିକରଣର ଏକ ଆଲୋକ ଭାବେ ପଥ ପ୍ରଦର୍ଶନ କରିବାକୁ ସକ୍ଷମ ହେବ। ଏହି ଅଂଚଳର ମହିଳାମାନଙ୍କ ପାଇଁ ଜୀବିକା ନିର୍ବାହର ବିକଳ୍ପ ମାଧ୍ୟମ ସୁନିଶ୍ଚିତ କରିବାକୁ, ଶୁଭଲକ୍ଷ୍ମୀ କୋ-ଅପ ସଂଚୟ, ଋଣ ଏବଂ ବୀମା ଅ ଆର୍ଥିକ ସେବା ଯୋଗାଇଥାଏ। ଏହା ମାଇକ୍ରୋ ଏଂଟରପ୍ରାଇଜେସ ସୁବିଧା ବ୍ୟବସାୟ ବିକାଶ ସେବା (ବିଡିଏସ୍) ଦ୍ୱାରା ଯୋଗାଇ ଦେଇଥାଏ। ଏହା ବଜାର ସୁଯୋଗ ସହିତ ଟ୍ରେନିଂ ଏବଂ ଶିକ୍ଷା ସଦସ୍ୟା ତଥା ନିର୍ବାଚିତ ପ୍ରତିନିଧି ଓ ପରିଚାଳନା କମିଟି ସଦସ୍ୟାମାନଙ୍କୁ ପ୍ରଦାନ କରିଥାଏ। ଯାହାଦ୍ୱାରା ସମାଜର ପ୍ରଭାବଶାଳୀ ଦୀର୍ଘସ୍ଥାୟୀ କାର୍ଯ୍ୟକାରିତା ତଥା ବିକାଶ ନିଶ୍ଚିତ ହୋଇପାରିଥାଏ। ଏହି ଅବସରରେ ନିଜର ଖୁସି ବ୍ୟକ୍ତ କରି ଶୁଭଲକ୍ଷ୍ମୀ ସମବାୟ ସମିତିର ପୂର୍ବତନ ସଭାପତି ଶ୍ରୀମତୀ ପୁଷ୍ପାଳି ସେଠ୍ କହିଲେ, ଆମର ଶୁଭଲକ୍ଷ୍ମୀ ସମବାୟ ସମିତି ଏପରି ଅନ୍ତର୍ଜାତୀୟସ୍ତରରେ ସମ୍ମାନୀତ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଆମର ପ୍ରତ୍ୟେକ ମହିଳା ସଦସ୍ୟା ପ୍ରକୃତ ସଶକ୍ତିକରଣର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟି ପାରିଛନ୍ତି। ଏହା ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ କଲ୍ୟାଣ ଯୋଜନା ମାଧ୍ୟମରେ ସକ୍ଷମ ହୋଇପାରିଛି। ସମାଜର ଅଧିକ ମହିଳାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ ସେମାନଙ୍କର ଆକାଂକ୍ଷାକୁ ସାକାର କରିବା ଲକ୍ଷ୍ୟ ନେଇ ବେଦାନ୍ତ କାର୍ଯ୍ୟ ଜାରି ରଖିଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ, ବେଦାନ୍ତ ଲିମିଟେଡର ଏକ ଅଂଶବିଶେଷ। ୨୦୨୧ ଆର୍ଥିକ ବର୍ଷରେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧.୯୬ ମିଲିୟନ ଟନ ରହିଛି। ଏହା ଭାରତରେ ବ୍ୟବହୃତ ହେଉଥିବା ଆଲୁମିନିୟମର ଅଧା ଉତ୍ପାଦନ କରିଥାଏ। ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦଗୁଡ଼ିକରେ ଏହା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ୍ ରହିଛି। କମ୍ପାନୀ ଭବିଷ୍ୟତର ସବୁଜ ମେଟାଲ ଭାବେ ଆଲୁମିନିୟମ ବ୍ୟବହାର କରିବା ଲକ୍ଷ୍ୟ ପୂରଣ ପାଇଁ ମିଶନ ଜାରି ରଖିଛି।

## ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ଗଡିଲା ପୁଷ୍ଟି ଶସ୍ୟ ସଚେତନତା ରଥ



କେନ୍ଦୁଝର :ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ 'ଜାତୀୟ ପୋଷଣ ସପ୍ତାହ' ପାଳ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ପୁଷ୍ଟି ଶସ୍ୟ ସ୍ୱର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଆଶିଷ ଠାକରେ ଗୁରୁତ୍ୱାରୋପ କରିଛନ୍ତି । ଜାତୀୟ ପୋଷଣ ସପ୍ତାହରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଓଡିଶା ମିଲେଟ୍ ମିଶନ, ଡିଏମ୍‌ଏଫ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କ୍ରମରେ ଜିଲ୍ଲାରେ ଗଡିଛି ପୁଷ୍ଟି ଶସ୍ୟ ସଚେତନତା ରଥ । ତା-୦୧.୦୯.୨୦୨୧ରିଖ ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ୮ଟି ସଚେତନତା ରଥ। ଏହି ରଥ ଗୁଡିକ ଜିଲ୍ଲାର ସମସ୍ତ ବ୍ଲକ ପରିକ୍ରମା କରି ୮ଟି ପୁଷ୍ଟି ଶସ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ପୁଷ୍ଟିର ମହତ୍ୱ ଜାଣିବା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରିବ । ପୁଷ୍ଟି ଶସ୍ୟ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାର ଉପକାରିତା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ଘରୋଇ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଓଡିଶା ମିଲେଟ୍ ମିଶନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଚଳିତ ମାସ ୪ତାରିଖ ପର୍ଯ୍ୟନ୍ତ ଉକ୍ତ ରଥ ଗୁଡିକ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରିବ ଏବଂ ସେପ୍ଟେମ୍ବର ୫ ଓ ୬ ତାରିଖ ଦୁଇଦିନ ଧରି ଜିଲ୍ଲାର ୭ଟି ବ୍ଲକ ଯଥା- କେନ୍ଦୁଝର ସଦର, ବାଂଶପାଳ, ଝୁମ୍ପୁରା, ଯୋଡା, ହରିଚନ୍ଦନପୁର, ହାଟଡିହି ଓ ଚମ୍ପୁଆରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ଆୟୋଜନ ହେବ । ସେପ୍ଟେମ୍ବର ୭ ତାରିଖ ଦିନ ଜିଲ୍ଲା ସଦର ମହକୁମା ଠାରେ ଏକ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ଆୟୋଜନ କରାଯିବ ବୋଲି ଓଡିଶା ମିଲେଟ୍ ମିଶନ, କେନ୍ଦୁଝର ତରଫରୁ ସୂଚନା ଦିଆଯାଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray